ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.246 Bhubaneswar Friday, November 19, 2021 | ୨୪ତମ ବର୍ଷ ସଂଖ୍ୟା–୨୪୬ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ୫-ଟି ଉପକ୍ରମରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲାର ୩୮ଟି ସ୍କୁଲର ରୂପାନ୍ତରଣକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୧୧(ପି.ଏନ): ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ମାଲକାନଗିରି, ଝାରସୁଗୁଡା, କଳାହାଣ୍ଡି, ମୟୂରଭଂଜର ଓ ଖୋର୍ଦ୍ଧା ଆଦି ୫ଟି ଜିଲ୍ଲାର ୧୫୮ଟି ହାଇସ୍କୁଲର ରୂପାନ୍ତରଣକୁ ଲୋକାର୍ପଣ କରିଛନ୍ତି । ତନ୍ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲାର ୩୮ଟି ସ୍କୁଲ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଖୋର୍ଦ୍ଧା ଜିଲ୍ଲାରେ ରୂପା'ରକରଣ ହୋଇଥିବା ଭୁବନେଶ୍ୱର ୟୁନିଟ୍-୮ ବାଳକ ହାଇସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା




। ଏଠାରେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲାରେ 'ମୋ ସ୍କୁଲ' ରୂପା'ରଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସାଧାରଣ ଉଦ୍ୟୋଗ, ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତନାରାୟଣ ଜେନା, ଜୟଦେବ ବିଧାୟକ ଶ୍ରୀ ଅରବିନ୍ଦ ଢାଲି, ବେଗୁନିଆ ବିଧାୟକ ଶ୍ରୀ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲା ପରିଷଦ ସଭାପତି ଶ୍ରୀ ପ୍ରଫୁଲ୍ଲ କୁମାର ଦଳାଇ, ଭୁବନେଶ୍ୱର ମହାନଗର ନିଗମ କମିଶନର ଶ୍ରୀ ସଂଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶ୍ରୀ ଉଦ୍ଧବ ପ୍ରକାଶ ବେହେରାଙ୍କ ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ରୂପାନ୍ତରକରଣ ସଂପର୍କରେ କଥା ହୋଇଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ, ମାନ୍ୟବର ବିଧାୟକଗଣ, ଜିଲ୍ଲାପାଳ ତଥା ବିଦ୍ୟାଳୟ ତରଫରୁ ୫-ଟି ଉପକ୍ରମ ଆଧାରରେ ବିଦ୍ୟାଳୟ ରୂପାନ୍ତରକରଣ ହୋଇଥିବା ଯୋଗୁଁ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ୫-ଟି ସଚିବ ଶ୍ରୀ ଭି.କେ.ପାଣ୍ଡିଆନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ପଂଚାୟତ ନିର୍ବାଚନ ପାଇଁ ବିଜେଡି ଏଲପିଜି ଦର ବୃଦ୍ଧି ପ୍ରସଙ୍ଗରେ ଆନ୍ଦୋଳନ କରୁଛି : ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୧୮।୧୧(ପି.ଏନ): ବିଜେପି ଦଳର ଗୋଡ଼ାଣିଆ ଭାବେ କାର୍ଯ୍ୟକରୁଥିବା ବିଜେଡ଼ି କେବଳ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଗ୍ୟାସ ଦର ବୃଦ୍ଧି ବିରୁଦ୍ଧରେ ଆନ୍ଦୋଳନ କରିବାକୁ ବାହାରିଛି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି । ଶ୍ରୀ ନୱାଜ କହିଛନ୍ତି ଯେ ଏନ୍‌ଡିଏ କୃତ ଦରବୃଦ୍ଧିକୁ ନବୀନ ସରକାହ ସମର୍ଥନ ଦେଇଆସିଛି । ମନମୋହନ ସିଂ ସରକାରରେ ଗ୍ୟାସ ଟାଙ୍କ ପିଛା ୩୫୦ ଟଙ୍କାରୁ ୪୦୦ ଟଙ୍କା ଭିତରେ ଥିଲା । ଏବେ ତାହା ୧୦୦୦ ଟଙ୍କାରେ ପଂହଚିବା ବେଳେ ବିଜେଡ଼ି ଦଳ ବା ନବୀନ ସରକାର କେବେବି ପ୍ରତିବାଦ କରିନଥିଲେ । ଏବେ ହଠାତ କୁମ୍ଭକର୍ଣ୍ଣ ନିଦରୁ ଉଠିପଡ଼ିଛନ୍ତି । ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ବିରୋଧି ଦଳ କରୁଥିବା ଆନ୍ଦୋଳନରେ ବର୍ତମାନ ନବୀନ ସରକାର ଅଣନିଶ୍ୱାସୀ ହୋଇପଡ଼ିଛି । ସାଧାରଣ ଜନତା ଅନୁଭବ କଲେଣି ଯେ ମମିତା ମେହେରଙ୍କ ହତ୍ୟକାରୀ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମୁଖ୍ୟମନ୍ତ୍ରୀ ସୁରକ୍ଷା ପ୍ରଦାନ କରୁଛନ୍ତି । ସାଧାରଣ ଲୋକଙ୍କ ଦୃଷ୍ଟି ଓ ଚର୍ଚ୍ଚାକୁ ଏଡ଼େଇ ଦେବା ପାଇଁ ବିଜେଡ଼ି ଛାମୁଆ ସଂଗଠନ ନଭେମ୍ବର ୨୧ ରୁ ୨୩ ତାରିଖ ଭିତରେ ଆରଡିସି ଘେରାଉ କାର୍ଯ୍ୟକ୍ରମ ରଖିଛି । ମାତ୍ର ଦରଦାମ କମିଯାଉ ବୋଲି ନବୀନ ସରକାରଙ୍କ ଆନ୍ତରିକତା ନାହିଁ । ପେଟ୍ରୋଲ ଓ ଡିଜେଲ ଉପରେ ମଧ୍ୟ ନବୀନ ସରକାର ମୋଟା ଅଙ୍କର ଟିକସ ନେଉଛନ୍ତି ।

## ୨୩ରୁ ଯୁକ୍ତ ୩ ନାମଲେଖା ପାଇଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର ,୧୮।୧୧(ପି.ଏନ): ଶିକ୍ଷା ବର୍ଷ ୨୦୨୧-୨୨ରେ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୩ ପ୍ରଥମ ବର୍ଷ ନାମ ଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନାମଲେଖା ପାଇଁ ଛାତ୍ରଛାତ୍ରୀମାନେ ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୧ଟା ଠାରୁ ୨୮ ତାରିଖ ରାତି ୧୧ଟା ୪୫ ଯାଏଁ ସାମସ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ । ଡିସେମ୍ବର ୩ ଅପରାହ୍ନ ୨ଟାରେ ପ୍ରଥମ ଓ ୧୦ ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ । ପ୍ରଥମ ମେଧା ତାଲିକା ପାଇଁ ଡିସେମ୍ବର ୪ରୁ ୭ ତାରିଖ ଯାଏଁ ରବିବାର ବ୍ୟତୀତ ନାମଲେଖା ହେବ ।

### ଅଭିନନ୍ଦନ

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ । **-ସମ୍ପାଦକ**

## ହାଇବ୍ରିଡ୍ ମୋଡ୍‌କୁ ଖାରଜ କଲେ ସୁପ୍ରିମକୋର୍ଟ, ଅଫ୍‌ଲାଇନ୍‌ରେ ହେବ ଏସବୁ ପରୀକ୍ଷା



ନୂଆଦିଲ୍ଲୀ,୧୮।୧୧(ପି.ଏନ): ଅଫ୍‌ଲାଇନ୍‌ରେ ହେବ କ୍ଲାସ ୧୦, ସିବିଏସଇ ଏବଂ ଆସିଏସଇ ପରୀକ୍ଷା । ଏହି ପରୀକ୍ଷା ପାଇଁ ହାଇବ୍ରିଡ ବା ଭର୍‌ଚୁଆଲ୍ ମୋଡ୍ ପାଇଁ ହୋଇଥିବା ଆବେଦକନକୁ ଖାରଜ କରି ଦେଇଛନ୍ତି ସୁପ୍ରିମକୋର୍ଟ । ସିବିଏସଇର ୬ ଜଣ ଛାତ୍ର ଏବଂ ସିଆଇଏସସି ପକ୍ଷରୁ ଏହି ଆବେଦନ କରାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖିଥିଲେ ବରିଷ୍ଠ ଆଡଭୋକେଟ୍ ସଞ୍ଜୟ ହେଗଡେ । ସେ ସୁପ୍ରିମକୋର୍ଟରେ ଏହି ମାମଲା ଉପସ୍ଥାପନ କରିଥିଲେ । ଆବେଦନ ଅନୁଯାୟୀ ଏବେ ବି କୋଭିଡ୍ ? ସ୍ଥିତି ଥିବାରୁ ଫିଜିକାଲ ମୋଡ୍‌ରେ ପରୀକ୍ଷା ଦେବା ନିରାପଦ ନୁହେଁ ବୋଲି ସେ ଯୁକ୍ତି ବାଢ଼ିଥିଲେ । ତେବେ ସିନିୟର ଆଡଭୋକେଟ୍ ତଥା ସଲିସିଟର ଜେନେରାଲ ତୁସାର ମେହେଟ୍ଟା କହିଥିଲେ ଯେ, ଗତ ବର୍ଷ କୌଣସି ହାଇବ୍ରିଡ୍ ? ମୋଡ୍ ?ରେ ପରୀକ୍ଷା ହୋଇ ନଥିଲା । ଦେଶରେ ୧୪ ଲକ୍ଷ ଦଶମ ଛାତ୍ରଛାତ୍ରୀ ଥିବା ବେଳେ ୨୦ ଲକ୍ଷ ସିବିଏସଇ ଛାତ୍ରଛାତ୍ରୀ ଅଛନ୍ତି । ତେବେ ପରୀକ୍ଷା ହଲରେ ୪୦ ବଦଳରେ ୨୦ ଜଣଙ୍କୁ ବସାଯାଉଛି । ଯାହା ଫଳରେ କ୍ଲାସରେ ସାମାଜିକ ଦୂରତା ରକ୍ଷା କରାଯାଇ ପାରୁଛି । ପରୀକ୍ଷା କେନ୍ଦ୍ରରେ ମଧ୍ୟ ୧୫,୦୦୦ ପର୍ଯ୍ୟନ୍ତ କ୍ଷମତା ବୃଦ୍ଧି କରାଯାଇଛି । ସେହିପରି ପରୀକ୍ଷା ସୟମ ୩ ଘଣ୍ଟାରୁ ୯୦ ମିନିଟ୍‌କୁ ହ୍ରାସ କରାଯାଇଛି । ସେ କହିଛନ୍ତି ଯେ, ପରୀକ୍ଷା ପ୍ରକ୍ରିୟାକୁ ବ୍ୟାଘାତ ନକରି ଆମେ ସୁରକ୍ଷା ପାଇଁ ଅଧିକ ପଦକ୍ଷେପ ଗ୍ରହଣ କରିପାରିବା । ଉଭୟ ପକ୍ଷର ଶୁଣାଣି ପରେ ସୁପ୍ରିମକୋର୍ଟ କହିଛନ୍ତି, ଏବେ ପରୀକ୍ଷା ଚାଲିଛି । ତେଣୁ ବାସ୍ତବାଦୀ ହେବାକୁ ସେ ପରାମର୍ଶ ଦେଇଥିଲେ । ଏବେ ପରୀକ୍ଷା ଚାଲିଥିଲା ବେଳେ କେମିତି ଅନଲାଇନ୍ ?ରେ ହେବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ? ତେବେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ସଞ୍ଜୟ ହେଗଡେ କହିଛନ୍ତି ଯେ, ଗଣିତ ଏବଂ ବିଜ୍ଞାନ ପରି ପ୍ରମୁଖ ବିଷୟ ବାକି ଥିବା ବେଳେ ସେଥିରେ ଅଧିକ ଭିଡ ହେବ । ଏବେ କେବଳ ମାଇନର ପେପରେ ପରୀକ୍ଷା ସରିଛି । ତେଣୁ ଯେଉଁମାନେ ହାଇବ୍ରିଡ୍ ମୋଡ୍ ?ରେ ପରୀକ୍ଷା ପାଇଁ ଚାହୁଁଛନ୍ତି ସେମାନଙ୍କୁ ଅନୁମତି ଦିଆଯାଉ ବୋଲି ସେ ଦାବି କରିଥିଲେ । ତେବେ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏବେ ସବୁ ପ୍ରକ୍ରିୟା ସରିଯାଇଛି । ବିଳମ୍ବ ମଧ୍ୟ ହୋଇ ଯାଇଛି । ତେଣୁ ପରୀକ୍ଷା ପାଇଁ ଆଉ ଥରେ ରିସିଡ୍ୟୁଲ କରିହେବ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ ।








## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha

ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**




## ପାଣି ପାଇଁ ରାସ୍ତାରେ ହାଣ୍ଡି ମାଠିଆ ରଖି ଆନ୍ଦୋଳନ



ଫୁଲବାଣୀ,(ପି.ଏନ): ସରକାରଙ୍କର ବସୁଧା ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ଏଥିରୁ ସ୍ପଷ୍ଟ ବାରି ହେଉଛି । ବାରମ୍ବାର ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ପୌରପାଳିକାଙ୍କ ନିକଟରେ ବାରମ୍ବାର ଗୁହାରୀ କରି ଆସୁଥିଲେ ମଧ୍ୟ ପିଇବା ପାଣି ଟୋପାଏ ନ ମିଳିପାରିବାରୁ । କେତେ ଆଉ ଗୁହାରୀ କରିବେ । ଶେଷରେ ବାଧ୍ୟ ହୋଇ ଗରୁବାର ଦିନ ସକାଳୁ ଗରା,ମାଠିଆ,ବାଲଟି ଧରି ରାଜରାସ୍ତାର ସାଲୁଙ୍କି ହୋଟେଲ ସମ୍ମୁଖରେ ଶତାଧିକ ମହିଳା ଓ ପରୁଷ ରାସ୍ତା ପ୍ରାୟ ୧ଘଂଟାରୁ ଉର୍ଦ୍ଧ ସମୟ ଅବରୋଧ କରି ରଖିଥିଲେ । ଫଳରେ ଗମାନା ଗମନରେ ବାଧା ଉପୁଜିଥିଲା । ଶିକ୍ଷକ,ଛାତ୍ରଛାତ୍ରୀ ମାନଙ୍କ ବିଦ୍ୟାଳୟକୁ ଯିବା ବିଳମ୍ବ ଘଟିଥିଲା । ଖବର ପାଇ ଟାଉନଥାନା ପୋଲିସ,ସହରାଂଚଳ ଜନ ସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ପ୍ରମୁଖଙ୍କ ସମେତ ତହସିଲଦାର ,ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିଥିଲେ । ମିଳିଥିବା ସୁଚନାଅନୁସାରେ ବିଭାଗ ପକ୍ଷରୁ ପାଇପ ଯୋଗେ ପାନୀୟ ଜଳ ନିୟମିତ ଆସୁନି । ଦିନେ ଆସିଲେ ୪ଦିନ ବନ୍ଦ । ନଳକୂପ ମଧ୍ୟ ଅଚଳ,ଫଳରେ ପିଇବା ପାଣି ପାଇଁ ପେସାହି ବାସିନ୍ଦା, ଅରବିନ୍ଦ ନଗର,ଏପସିଆଇ ନକଟରେ ରହୁଥିବା କଲୋନୀ ବାସିନ୍ଦା ସବୁବେଳେ ଜଳ କଷ୍ଟ ଭୋଗୁଛନ୍ତି । ଦାୟିତ୍ୱରେ ଥିବା ମହିଳା ଯନ୍ତ୍ରୀ କିଛି ଜାଣୁନଥିବେଳେ ସହକାରୀ ଯନ୍ତ୍ରୀ ଜରଙ୍କ ଦୀର୍ଘବର୍ଷ ଧରି ରହି ଦୁର୍ନିତୀ ଅନିୟମିତତାରେ ଲିପ୍ତ ରହିଥିବା ଓ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେଉ ନଥିବା ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ ମାନେ । ତୁରନ୍ତ ଏହି ଯନ୍ତ୍ରୀ ଦୁଇଜଣଙ୍କୁ ଏଠାରୁ ବଦଳି କରିବାକୁ ଦାବୀ କରିଛନ୍ତି ସ୍ଥାନୀୟ ଲୋକ । ଆଇନଜୀବି ତଥା ସମାଜସେବୀ ସତ୍ୟନାରାୟଣ ବେହେରା ଓବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦିଗାଲ ସାମ୍ବାଦିକ ସୁର୍ଯ୍ୟ ନାରାୟଣ ବେହେରା ପ୍ରମୁଖ ମଧ୍ୟ ବର୍ଷା,ଖରା ଓ ଶିତ ସବୁ ସମୟରେ ଏପରି ଜଳ କଷ୍ଟ ଭୋଗୁଛୁ ବୋଲି କହିବା ସହ ପୌରପରିଷଦ କାର୍ଯ୍ୟନୀର୍ବାହୀ ଅଧିକାରୀ,ପିଏଚଡି ବିଭାଗର ଯନ୍ତ୍ରୀ,ଆଦର୍ଶ ଟାଉନଥାନା ଅଧିକାରୀଙ୍କ ନିକଟକୁ ଦରଖାସ୍ତ ମଧ୍ୟ ଦିଆଯାଇଛି କିନ୍ତୁ କିଛି ଶୁଣୁ ନାହାନ୍ତ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

## କୋଣାର୍କ ଥାନା ପକ୍ଷରୁ 'ଆମ ପୁଲିସ' କାର୍ଯ୍ୟକ୍ରମ

କୋଣାର୍କ,(ପି.ଏନ) : ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ନିମନ୍ତେ କୋଣାର୍କ ଥାନା ପକ୍ଷରୁ ଆଜି ଗୁରୁବାର ଅପରାହ୍ନରେ 'ଆମ ପୁଲିସ' କାର୍ଯ୍ୟକ୍ରମ ଥାନା ପରିସରରେ ଅନୁଷ୍ଠିତ ହୋଇ ଯାଇଛି । କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କ ପୌରେହିତ୍ୟରେ ଆୟୋଜିତ 'ଆମ ପୁଲିସ' କାର୍ଯ୍ୟକ୍ରମରେ , ଆମ ପୁଲିସର ସଂଯୋଜକ ରାମକୃଷ୍ଣ ମହାନ୍ତି, କୋଣାର୍କ ସୁରକ୍ଷା ସମିତିର ସଭାପତି ବାଦଲ ଦାଶ, କୋଣାର୍କ ଏନଏସିର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ପ୍ରମୁଖ ମ□ାସିନ ହୋଇ ପୁଲିସ ଓ ସାଧାରଣ ଲୋକଙ୍କର କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇ ଥିଲେ । ଏହି ଅବସରରେ ମ□ ସମ୍ମୁଖରେ ଉପସ୍ଥିତ ଥିବା ଗଣମାଧ୍ୟମର ପ୍ରତିନିଧି, କୋଣାର୍କ ଥାନା ଅଧିନରେ ଥିବା ବିଭିନ୍ନ ପ□ାୟତର ସରପ□, ଲୋକ ପ୍ରତିନିଧି, ବ୍ୟବସାୟୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ସାମିଲ ହୋଇ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଲୋଚନାରେ ଭାଗ ନେଇଥିଲେ । କେଉଁ କାରଣ ପାଇଁ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଶୁସମ୍ପର୍କ ସ୍ଥପନ ହୋଇପାରୁ ନାହିଁ ଏହାକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୋୟର ଅଭାବ ଯୋଗୁଁ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇ ପାରୁ ନାହିଁ ବୋଲି ମତ ପ୍ରକାଶ ପାଇଥିଲା ।

## ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁରେଶ ବରାଳଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ବନ୍ତଳା ପ□ାୟତର କୁଶିଦା ଗ୍ରାମରେ ଜନ୍ମିତ ଓଟିଏମର ପୂର୍ବତନ ମେକାନିକାଲ ଜାବର ତଥା ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବରାଳଙ୍କ ୮୫ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଏକାଧାରରେ ଜଣେ ମେଳାପି, ମିଷ୍ଟଭାଷି, କଳାକାର ଓ ନାଟ୍ୟ ନିର୍ଦ୍ଦେଶକ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅ□ଳରେ ଶୋକର ଛାୟା ଖେଳିଯାଇଛି । ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ଏଥିରେ ଦୁଃଖ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ବରାଳଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ପାଟକୁରା ବିଜେପି ଯୁବ ନେତା କ୍ଷିତିଶ ଚନ୍ଦ୍ର ଦାଶ, ବନ୍ତଳା ସରପ□ ଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, ତଳକୁସୁମା ପ□ାୟତର ପୂର୍ବତନ ସରପ□ ଅଶୋକ ଜେନା, ଯୁବ ସମାଜସେବୀ ସନ୍ତୋଷ କୁମାର ରାଉତରାୟ, ସାମ୍ବାଦିକ ଅରୁଣ ମହାପାତ୍ର, ପ୍ରଭାସ ରଞ୍ଜନ ସାହୁ ପ୍ରମୁଖ ଅ□ଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହ□ି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥରଲେ । ଗ୍ରାମ ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ପବିତ୍ର ବରାଳ ମୁଖାଗ୍ନି ଦେଇଥିଲେ ।

## ଧର୍ମଶାଳା କପ୍ ଫୁଟ୍‌ବଲ୍, ଫାଇନାଲ୍‌ରେ କଟକ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସପ୍ତମ ବାର୍ଷିକ ଧର୍ମଶାଳା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଆଜି ନୟାଗଡ ଫୁଟ୍‌ବଲ କ୍ଲବକୁ ୪-୨ଗୋଲ୍‌ରେ ପରାସ୍ତ କରି କଟକର ଅଲଟିମେଟ୍ ଚାମ୍ପିଅନ୍ ଦଳ ଫାଇନାଲରେ ପ୍ରବେଶ କରିଛି । ସଂଘର୍ଷପୂର୍ଣ୍ଣ ଖେଳର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ କେହି କାହାରିକୁ ଗୋଲ୍ ଦେଇ ପାରିନଥିଲେ । ପରେ ଟାଏ ବ୍ରେକର ସହାୟତାରେ କଟକ ଦଳ ବିଜୟୀ ହୋଇଥିଲା । ରେଫରି ନାରାୟଣ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ କ୍ରିଡ଼ାବିତ୍ ଉତ୍ତମ ବାରିକ, ସୁମନ ଦାସ, ରାଣା ପ୍ରତାପ ଓ ସରୋଜ ପଟ୍ଟନାୟକ ଏଥିରେ ସହଯୋଗ କରିଥିଲେ । ଆସନ୍ତାକାଲି ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଯୋଡାର ତ୍ରିବେଣୀ ସ୍ପୋର୍ଟ୍ସ ଏକାଡେମୀ ରାଜକନିକା ଆଥଲେଟିକ୍ ଆସୋସିଏସନକୁ ଭେଟିବ ବୋଲି ଆୟୋଜକ ଧର୍ମଶାଳା ସ୍ପୋର୍ଟ୍ସ ଏକାଡ଼େମୀର ସଭାପତି ଆଲୋକ କର ଓ ସଂପାଦକ ଅୟସକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି ।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ□ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ□ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ□ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ□ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ□ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଧିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ□ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ□ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ□ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ□ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ□ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ□ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ□ ମିତା ମୁଣ୍ଡା, ପୂର୍ବତନ ସରପ□ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଧିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ□ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ□ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

## କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହ□ିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେ଼ଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେ଼ଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଥକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।


## କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି । ଏସିଏଫ୍ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ । ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି ।






# ବାଲେଶ୍ୱରରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଭବ୍ୟ ସ୍ୱାଗତ



ବାଲେଶ୍ୱର (ପିଏନ୍)-୧୯୭୧ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ଅଭୂତପୂର୍ବ ବିଜୟକୁ ସ୍ମରଣୀୟ କରିବା ପାଇଁ ଚଳିତ ବର୍ଷ ସମଗ୍ର ଦେଶରେ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ କରାଯାଉଥିବା ବେଳେ ଏହି ଅବସରରେ ଏକ ବିଜୟ ମଶାଲ ଶୋଭାଯାତ୍ରା ଦେଶର ବିଭିନ୍ନ ରାଜ୍ୟ ପରିଭ୍ରମଣ କରୁଛି। ଗତ ଅକ୍ଟୋବର ୨୦ ତାରିଖରୁ ଏହି ସ୍ୱର୍ଣ୍ଣିମ ବିଜୟ ମଶାଲ ଓଡିଶାର ବିଭିନ୍ନ ଜିଲ୍ଲା ପରିକ୍ରମା ଆରମ୍ଭ କରିଥିବା ବେଳେ ଏହା ପହଂଚିଥିଲା ବାଲେଶ୍ୱରରେ। ଏହା ବାଲେଶ୍ୱର ପହଂଚିବା ପରେ ସ୍ଥାନୀୟ ରିଜର୍ଭ ପୁଲିସ ପରେଡ ପଡିଆଠାରେ ଏହାକୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପୁଲିସ ବ୍ୟାଣ୍ଡର ତାଳେ ତାଳେ ବିଜୟ ମଶାଲକୁ ଆନୁଷ୍ଠାନିକ ସ୍ୱାଗତ ସହ ମଂଚ ଉପରକୁ ଅଣାଯାଇଥିଲା । ପ୍ରତିରକ୍ଷା ବିଭାଗ ଅଧିକାରୀଙ୍କ ପାଖରୁ ଏହାକୁ ଆଣି ମଂଚ ଉପରେ ନିର୍ଦ୍ଧାରିତ ସ୍ଥାନରେ ରଖାଯିବା ପରେ ପୁଲିସ ବାହିନୀ ପକ୍ଷରୁ ବିଜୟ ମଶାଲକୁ ସାଲ୍ୟୁଟ୍ ଏବଂ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ପୂର୍ବାଂଚଳ ଆଇଜି ଶ୍ରୀ ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକଙ୍କ ସମେତ ପ୍ରତିରକ୍ଷା ବିଭାଗ ଅଧିକାରୀ, ପୁଲିସ ବିଭାଗ ଅଧିକାରୀ ଏବଂ ଅନ୍ୟମାନେ ମଂଚ ଉପରେ ଉପସ୍ଥିତ ରହି ବିଜୟ ମଶାଲକୁ ସମ୍ମାନ ପ୍ରଦର୍ଶନ ସହ ପୁଷ୍ପ ଅର୍ପଣ କରିଥିଲେ । ଏହାପରେ ପୁଲିସ ବାହିନୀ ଦ୍ୱାରା ବିଜୟ ମଶାଲକୁ ପ୍ରତିରକ୍ଷା ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ସ୍କୁଲ ଛାତ୍ରଛାତ୍ରୀ, ଏନସିସି, ସ୍କାଉଟ୍, ଏନଏସଏସ କ୍ୟାଡେଟ୍‌ମାନେ ରାସ୍ତା ପାର୍ଶ୍ୱରେ ଉପସ୍ଥିତ ରହି ପୁଷ୍ପବୃଷ୍ଟି ସହ ବିଜୟ ମଶାଲକୁ ସମ୍ମାନ ପ୍ରଦର୍ଶନ କରିଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଡିଏସପି ଶ୍ରୀ ମାନସ ଦେଓ, ସର୍ଜେଂଟ ଶ୍ରୀ ରାଜୀବ ମାର୍ଣ୍ଡିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହା ପରେ ପରେ ସ୍ୱର୍ଣ୍ଣିମ ବିଜୟ ମଶାଲ ଯାତ୍ରା କରିଥିଲା ଚାନ୍ଦିପୁର ସ୍ଥିତ ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ସଂସ୍ଥା) କ୍ୟାମ୍ପସକୁ । ଅପରାହ୍ନ ୨ଘଟିକାରେ ସେଠାରେ ବିଜୟ ମଶାଲ ପହଂଚିବା ପରେ ଡିଆରଡିଓ ଏବଂ ପ୍ରତିରକ୍ଷା ବିଭାଗର ବାଲେଶ୍ୱର ଷ୍ଟେସନ ହେଡକ୍ୱାର୍ଟର ଦ୍ୱାରା ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଓ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ପ୍ରତିରକ୍ଷା ବିଭାଗ ବ୍ୟାଣ୍ଡ ଟ୍ରୁପ୍ ଦ୍ୱାରା ଉଚ୍ଚକୋଟୀର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଡିଆରଡିଓ ପ୍ରେକ୍ଷାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୯୭୧ ଯୁଦ୍ଧ ଉପରେ ପ୍ରସ୍ତୁତ ଏକ କ୍ଷୁଦ୍ର ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ସମେତ କାରଗିଲର "ଅପରେସନ ବିଜୟ", ଜାମ୍ମୁ କାଶ୍ମୀରର ଆତଙ୍କବାଦ ବିରୋଧୀ "ଅପରେସନ ରକ୍ଷକ", ଗତବର୍ଷ ଗଲୱାନ ଉପତ୍ୟକାରେ ହୋଇଥିବା ସଂଘର୍ଷ ଓ ସେନା ଅପରେସନରେ ଭାଗ ନେଇଥିବା ଏବଂ ଶହୀଦ ହୋଇଥିବା ବୀର ଯବାନ, ବୀର ନାରୀ (ଯୁଦ୍ଧରେ ଶହୀଦ ହୋଇଥିବା ଯବାନଙ୍କ ପତ୍ନୀ)ଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଉତର ଓଡିଶାର ୪ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝରର ୩୦ଜଣ ବୀର ଯବାନ ଏବଂ ବୀର ନାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୯୭୧ ଯୁଦ୍ଧରେ ଭାଗ ନେଇଥିବା ମେଜର ଜେନେରାଲ ଆର.କେ.ସାହୁ, ଚାନ୍ଦିପୁର ଆଇଟିଆର ନିର୍ଦ୍ଦେଶକ ଶ୍ରୀ ଏଚ.କେ.ରଥ, ଚାନ୍ଦିପୁର ପି.ଏକ୍ସ.ଇ. ନିର୍ଦ୍ଦେଶକ ଶ୍ରୀ ଡି.କେ.ଯୋଶୀ, ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଷ୍ଟେସନ ହେଡକ୍ୱାର୍ଟର ଏଡିଏମ, କମାଣ୍ଡାଂଟ୍ କର୍ଣ୍ଣେଲ ସତୀଶ କୁମାର, ପି.ଏକ୍ସ.ଇ ଅତିରିକ୍ତ ନିର୍ଦ୍ଦେଶକ(ଏମ.ଏ.) କର୍ଣ୍ଣେଲ ସୁମନ କୁମାର ଦତ ପ୍ରମୁଖ ମଂଚାସୀନ ଥିବା ବେଳେ ଲେଫ୍‌ଟନାଂଟ କର୍ଣ୍ଣେଲ ଆର. ନାଗର, ଲେଫ୍‌ଟନାଂଟ କର୍ଣ୍ଣେଲ ଏସ. ରୋହିଲା, ଲେଫ୍‌ଟନାଂଟ କର୍ଣ୍ଣେଲ ଆର.କେ.ବଳ, ଲେଫ୍‌ଟନାଂଟ କର୍ଣ୍ଣେଲ ଇମ୍ରାନ ଖାନ, ଲେଫ୍‌ଟନାଂଟ କର୍ଣ୍ଣେଲ ବିନୟ ଗମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି ଉପସ୍ଥାପନ ପାଇଁ ଦିଲ୍ଲୀରେ ହେବ ସତ୍ୟାଗ୍ରହ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ଦାବି ଉପସ୍ଥାପନ ପାଇଁ ଦିଲ୍ଲୀରେ ସତ୍ୟାଗ୍ରହ ହେବାକୁ ସ୍ଥିର କରାଯାଇଛି। ସେହି ସତ୍ୟାଗ୍ରହରେ ଯୋଗଦେଇ ଓଡିଶାର ଦାବିକୁ ଦିଲ୍ଲୀ ଦରବାରରେ ଉପସ୍ଥାପନ କରିବା ପାଇଁ ଓଡିଶାର ପ୍ରତ୍ୟେକ ଜିଲ୍ଲାରୁ ଗୋଟିଏ ଗୋଟିଏ ଟିମ ଦିଲ୍ଲୀ ଯିବାର ବ୍ୟବସ୍ଥା କରାଯାଇଛି। ଏହି ସତ୍ୟାଗ୍ରହ ଦିଲ୍ଲୀର ଜନ୍ତରମନ୍ତର ଠାରେ ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ ଓ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ଦିନ ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲୁରହିବ। ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି ସହିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ଦାବିରେ ଏହି ସତ୍ୟାଗ୍ରହ ଓ ଧାରଣା ଅନୁଷ୍ଠିତ ହେବ। ସେହି ସତ୍ୟାଗ୍ରହରେ ଯୋଗଦେବାକୁ କେନ୍ଦ୍ରାପଡା ଜିଲ୍ଲାରୁ ଆସନ୍ତା ଡିସେମ୍ବରମାସ ପହିଲାରେ ଏକ ୮ଜଣିଆ ଟିମ ଯୁବ ସମାଜସେବୀ ମହେଶ ପାଢୀଙ୍କ ନେତୃତ୍ୱରେ ଦିଲ୍ଲୀ ଯିବାକୁ ସ୍ଥିର କରାଯାଇଛି। ସେହି ଟିମ ଦିଲ୍ଲୀରେ ପହଞ୍ଚି ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି ନେଇ ଜନ୍ତରମନ୍ତର ଠାରେ ହେବାକୁ ଥିବା ସତ୍ୟାଗ୍ରହରେ ଯୋଗଦେବେ ବୋଲି ଶ୍ରୀ ପାଢୀ ସୂଚନା ଦେଇଛନ୍ତି।

## ବାଣ ବିସ୍ଫୋରଣରେ ମୃତ କୃଷ୍ଣଙ୍କ ପରିବାରକୁ ଭେଟିଲେ ପୂର୍ବତନ ବିଧାୟକ

କେନ୍ଦ୍ରାପଡ଼ା (ପିଏନ୍) : ଦୀପାବଳିରେ ବାଣ ଭିଡୁଥିବା ବେଳେ ବାଣ ବିସ୍ଫୋରଣରେ ମୃତ୍ୟୁ ହୋଇଥିବା କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତର ଜୁଇଦାସପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ପୂର୍ବତନ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ। ଏଥିସହିତ ସେହି ବାଣ ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯୁବ ଇଞ୍ଜିନିଅର ଚିନ୍ମୟ ବରାଳଙ୍କ ପରିବାରକୁ ମଧ୍ୟ ଭେଟି ସେ ସମବେଦନା ଜଣାଇଥିଲେ। ଚିନ୍ମୟଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ପୂର୍ବତନ ବିଧାୟକ ଶ୍ରୀ ତରାଇ କଟକ ବଡ ଡାକ୍ତଖାନାର ପ୍ରଶାସନିକ ଅଧିକାରୀ ଓ ସର୍ଜରୀ ବିଭାଗ ମୁଖ୍ୟଙ୍କୁ ପରାମର୍ଶ ଦେଇଥିବା ଜଣାପଡିଛି। ପୂର୍ବତନ ବିଧାୟକ ଶ୍ରୀ ତରାଇଙ୍କ ସହ ରଘୁନାଥ ଜେନା, ଜୀତେନ୍ଦ୍ର କୁମାର ସାହୁ, ହିମାଂଶୁ ସାହୁ, ନିରଞ୍ଜନ ସାହୁ, ଦେବାଶିଷ ଦାସ, ଦୀପକ କୁମାର ବେହେରା, ରାମଚନ୍ଦ୍ର ବାରିକ, ସୁଧିର ରଞ୍ଜନ ଦାସ, ବିମାନ କୁମାର ପରିଡା, ଜମଧର ପଞ୍ଚାୟତର ସମିତି ସଭ୍ୟା କାମିନି ବରାଳ, ରଘୁନାଥ ନାଥ, ସୌମ୍ୟରଞ୍ଜନ ସିଂ(ଲିପୁନ), ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ : ଏକ ସ୍ମୃତିଚାରଣ



ଏକଦା ପ୍ରାଚୀନ କଳିଙ୍ଗ ଦେଶ ସମଗ୍ର ବିଶ୍ୱରେ ନୌବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା। ଏଇ ମାଟିର ସାଧବ ପୁଅମାନେ ସମୁଦ୍ର ସେପାରି ଦେଶମାନଙ୍କରୁ ଧନ ସଂପଦ ବୋହିଆଣି, ଏ ଦେଶକୁ ସମୃଦ୍ଧ କରୁଥିଲେ। ଏ ଦେଶର ସୌଖୀନ ପଦାର୍ଥ ବଳକା ସଂପଦ ନେଇ ସେ ଦେଶମାନଙ୍କରେ ତାହାକୁ ବିକ୍ରୟ କରି ଲାଭବାନ୍ ହେଉଥିଲେ। ଚୀନ ପରିବ୍ରାଜକ ହୁଏନସାଂ (୬୩୯ ଖ୍ରୀଷ୍ଟାବ୍ଦ)ଙ୍କ କଙ୍ଗୋଦ ବିବରଣୀରୁ ଜଣାଯାଏ ଯେ ସାଧବ ପୁଅମାନେ ବୋଇତ ନୌଭେଳାରେ ସୁଦୂର ସୁବର୍ଣ୍ଣଭୂମି (ବ୍ରହ୍ମଦେଶ), ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣ (ସିଂହଳ), ଯବଦୀପ (ଜାଭା), କମ୍ବୋଜ (କାମ୍ବୋଡ଼ିଆ), ବୋର୍ଣ୍ଣିଓ (ବରୁଣ), ସ୍ୱର୍ଣ୍ଣଦୀପ (ସୁମାତ୍ରା) ଓ ବଳୀଦୀପ (ବାଲି) ଇତ୍ୟାଦିକୁ ଯାତ୍ରା କରୁଥିଲେ। ସେତେବେଳେ କଳିଙ୍ଗର ସାଧବପୁଅମାନେ ଖୁବ୍ ଦୁଃସାହସୀ ଥିଲେ ଏବଂ ନୌଚାଳନାରେ ଦକ୍ଷ ଥିଲେ। ଏମିତିକି ସମୁଦ୍ର ବକ୍ଷରେ ସେମାନେ ଆଫ୍ରିକା, ରୋମ, ଏବଂ ଚୀନ ଇତ୍ୟାଦି ଅଞ୍ଚଳକୁ ଖେଦି ଯାଇଥିଲେ। ଏହି ସାମୁଦ୍ରିକ ବାଣିଜ୍ୟର ଉଦ୍ଦେଶ୍ୟ ଦୁଇଟି ଥିଲା। ପ୍ରଥମତଃ ବ୍ୟବସାୟ ବା ବାଣିଜ୍ୟ କରିବା ଏବଂ ଦ୍ୱିତୀୟଟି ଉପନିବେଶ ସ୍ଥାପନ କରିବା। ଅଦ୍ୟାବଧି ମଧ୍ୟ ଭାରତୀୟ ବଂଶୋଦ୍ଭବମାନେ ଏହି ସ୍ଥାନମାନଙ୍କରେ ଦେଖାଯାଆନ୍ତି ଏବଂ ଏହି ସ୍ଥାନମାନଙ୍କରେ ଭାରତୀୟ ଅଥବା ଉତ୍କଳୀୟ ସଂସ୍କୃତିର ଛାପ ସ୍ୱରୂପ ମନ୍ଦିର, ସ୍ତୁପ ଓ କୀର୍ତ୍ତିରାଜି ମୂକସାକ୍ଷୀରୂପେ ପଥର ଗର୍ଭରେ ଛିଡ଼ା ହୋଇଛନ୍ତି। କେବଳ ସେ ଯୁଗର ବାଣିଜ୍ୟ ନାହିଁ କି ସେ ଦେଶଗୁଡ଼ିକର ନାଁ ମଧ୍ୟ ତାହା ନାହିଁ, ଯେମିତି ଇଣ୍ଡୋନେସିଆ କହିଲେ ସେ କାଳର ଜାଭା, ବୋର୍ଣ୍ଣିଓ, ବାଲି ଏବଂ ମାଳୟ ଇତ୍ୟାଦି ଦୀପମାନଙ୍କୁ ବୁଝାଏ। ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପ୍ରକୃତରେ କେବେଠୁ ଆରମ୍ଭ ହୋଇଥିଲା ତା'ର ସଠିକ୍ ହିସାବ ଦେଇ ନପାରିଲେ ବି ଏହା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀ ପୂର୍ବରୁ ବୋଲି ଧରାଯିବ। କାରଣ ଅଶୋକ ଖ୍ରୀ.ପୂ. ୨୬୧ରେ କଳିଙ୍ଗ ଆକ୍ରମଣ କରିଥିଲେ ଏବଂ ସେତେବେଳେ କଳିଙ୍ଗ ନୌବାଣିଜ୍ୟରେ ପ୍ରଶସ୍ତି ଲାଭ କରିଥିଲା। କଙ୍ଗୋଦ ରାଜ୍ୟକୁ ନେଇ ହୁଏନସାଂଙ୍କ ବିବରଣୀ, ଶୈଳୋଦ୍ଭବୀ ଶାସକ ମାଧବ ବର୍ମାଙ୍କ ଗଞ୍ଜାମ ତାମ୍ରଲିପି, ଟଲେମିଙ୍କ ୨ୟ ଶତାବ୍ଦୀର ଭୂଚିତ୍ର, ରସକଲ୍ଲୋଳରେ ଦୀନକୃଷ୍ଣ, ଶାରଳା ଦାସଙ୍କ ସଭାପର୍ବ, ଦାଣ୍ଡିରାମାୟଣ, ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ଯାଏଁ ନେଇ ବିଚାର ବିମର୍ଷ କଲେ ଜଣାଯାଏ ଯେ ଏହା ବହୁପୁରାତନ ଏବଂ ସାମୁଦ୍ରିକ ବାଣିଜ୍ୟର ବନ୍ଦର ସୀମାରେଖା, କରମଣ୍ଡଳ ଉପକୂଳ ବା ପୂର୍ବ ଭାଗରେ (ଗଙ୍ଗାଠାରୁ ଗୋଦାବରୀ) ଯାଏଁ ବିସ୍ତୃତ ଥିଲା ଯେତେବେଳେ ଚିଲିକାର ଉତ୍ପତ୍ତି ନଥିଲା। ଅବଶ୍ୟ ପରବର୍ତ୍ତୀ ସମୟରେ ଏକ ପ୍ରାକୃତିକ ବିପର୍ଯ୍ୟୟରୁ ଚିଲିକାର ସୃଷ୍ଟିହେଲା ଏବଂ ଚିଲିକାର ବକ୍ଷରେ ବାଣିଜ୍ୟତରୀମାନେ ମଗର ମୁହାଣ ଦେଇ ସମୁଦ୍ରକୁ ନିଷ୍କ୍ରାନ୍ତ ହେଲେ।

ଏହି ଉପକୂଳରେ ମୁଖ୍ୟ ବନ୍ଦରମାନେ ହେଲେ : ମୌସଲିଆ (ମୁସଲିପଟମ୍), କୋନାଗର (କୋଣାର୍କନଗର), କଳିଙ୍ଗପଟ୍ଟନମ୍, ପାଲୁର ବା ଦନ୍ତପୁର , ଚେଇତାଳ (ଚିଲିକା), ବଡ଼କୂଳ, ପୁରୀ, ପିପିଲି, ହିଜିଳି, ଧାମଣା, ଆଧୁନିକ ଗୋପାଳପୁର, ଏବଂ ଅନ୍ୟମାନଙ୍କ ମଧ୍ୟରେ ରଙ୍ଗଣୀ, ବାଲେଶ୍ୱର, ତାମ୍ରଲିପି, ଛତ୍ରସ୍ୱା, ଲଛମନପୁର, କୁରାସନ୍, ମାଛଗାଁ, ତଥା ବାଣିଜ୍ୟ ପେଣ୍ଠ ଭାବରେ ବୈଦେଶ୍ୱର, କଂଟିଲୋ, ପଦ୍ମାବତୀ, କଟକ, ସମ୍ବଲପୁର, ଯାଜପୁର ଏବଂ ସୋନପୁର ଇତ୍ୟାଦି ଯେଉଁଠୁ ନଦୀ ସାହାଯ୍ୟରେ ଦ୍ରବ୍ୟମାନ ବନ୍ଦରକୁ ଯାତାୟତ କରୁଥିଲା।

ମୁଖ୍ୟ ରପ୍ତାନୀ ଦ୍ରବ୍ୟମାନଙ୍କ ମଧ୍ୟରେ ଥିଲା ସୌଖୀନ ବସ୍ତ୍ର, ପାଟ, ମଠା, ହାତୀଦାନ୍ତ, ଶିଙ୍ଗ, ଚାନ୍ଦୁଆ, ସୌଖୀନ ବଟୁଆ, ସରୁ ଚାଉଳ ଓ ଅନ୍ୟାନ୍ୟ ବଳକା ଖାଦ୍ୟ ସାମଗ୍ରୀ ତଥା କାଠୋପକରଣ ଇତ୍ୟାଦି। ଆମଦାନୀରେ ଥିଲା : ପୋହଳା, ମଣି, ମାଣିକ୍ୟ, ମୁକ୍ତା, ହୀରା, ନୀଳା, ଅଙ୍ଗ, ଯବ, ଶଙ୍ଖ, କୁଶ, ଜରାପୁଂଜି ଏବଂ ଏମିତି ଅନେକ କିଛି ଯାହାକି ଏ ଦେଶକୁ ଆର୍ଥିକ ସମୃଦ୍ଧିରେ ସାହାଯ୍ୟ କରୁଥିଲା।

ଉତ୍କଳ/ଭାରତ ଯେଉଁ ଦେଶଗୁଡ଼ିକ ସହିତ ବଣିଜ କରୁଥିଲା, ସେଗୁଡ଼ିକ ପ୍ରାଚୀନ କଳିଙ୍ଗ ତଥା ଏବେକାର ଓଡ଼ିଶାର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ। ସେତେବେଳେ ବୋଇତଗୁଡ଼ିକର ଗତି ଓ ବେଗ ପବନ ଉପରେ ହିଁ ନିର୍ଭର କରୁଥିଲା। ସେହିପରି କୋଉ ଦେଶକୁ ଯିବା ବା ଫେରିବା ନିୟନ୍ତ୍ରିତ ହେଉଥିଲା। ପବନର ଗତି ସୂର୍ଯ୍ୟଙ୍କର ସ୍ଥିତି ବା ପୃଥିବୀର ଗତି ଦ୍ୱାରା ପରିଚାଳିତ। ସୂର୍ଯ୍ୟଙ୍କର ସ୍ଥିତି ବା ଅବାସ୍ତବ ଗତି ଅନୁସାରେ ଆ, କା, ମା, ବୈ (ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ) ଅୟନକାଳ ଭିନ୍ନ। କାର୍ତ୍ତିକ ମାସରେ ଏହି କାରଣରୁ ଉତ୍ତର ପୂର୍ବରୁ ପବନ ବୋହିବା ଫଳରେ ଦକ୍ଷିଣ ପଶ୍ଚିମକୁ ବୋଇତ ମେଲିବା ଉତ୍ତମ ଅଟେ। ପ୍ରକୃତରେ ବୋଇତ ପ୍ରସ୍ତୁତି ତଥା ତା' ପ୍ରତି ପୂଜା ଓ ଦୀପଦାନ ଇତ୍ୟାଦି ଦୀପାବଳୀ ପରଦିନଠୁ ଚାଲିଥାଏ। ଯେହେତୁ କାର୍ତ୍ତିକ ଏକ ଧର୍ମମାସ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଏକ ଶ୍ରେଷ୍ଠ ଶୁଭଦିନ, ସେହିଦିନ ବୋଇତ ବନ୍ଦାପନା, ପୂର୍ବକ ଶୁଭମନାସୀ ମେଲିଦିଆଯାଏ। ସେତିକିବେଳେ କଳିଙ୍ଗ ଦେଶର ପାନ ଓ ଜାଭାଦୀପର ଗୁଆ ପ୍ରଥମେ ଗଙ୍ଗାମାତାଙ୍କୁ ଉତ୍ସର୍ଗ କରାଯାଇ ପ୍ରାର୍ଥନା କରାଯାଏ : ଆ,କା,ମା, ଭୈଃ ଅର୍ଥାତ୍ ମା' ଗଙ୍ଗାମାତା, କାର୍ତ୍ତିକ ଠାରୁ ଫେରନ୍ତା ଆଷାଢ଼ଯାଏଁ ମାଘ, ଓ ବୈଶାଖ ଧରି ସାଧବପୁଅମାନଙ୍କୁ ବରାଭୟ ପ୍ରଦାନ କରି ଘଣ୍ଟା ଘୋଡ଼ାଇ ରଖ। ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହିଲେ ସେ ଦେଶଗୁଡ଼ିକରୁ ବୋଇତ କଳିଙ୍ଗ ଫେରେ ଏବଂ କେମିତି ହେଲେ ଭାଦ୍ରବ ଶେଷ ରବିବାର ସୁଦ୍ଧା ଫେରିବାକୁ ହୁଏ। ଏହାକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକାଳ (ଜୁନ୍‌ଠାରୁ ସେପ୍ଟେମ୍ବର) କୁହାଯାଏ। ସାଧବପୁଅମାନଙ୍କର ଏହି ଫେରିବାକାଳ ଓ ବୋଇତ ବନ୍ଦାଣର ସାଂକେତିକ ସ୍ମୃତି ସହିତ ଜଡ଼ିତ ଆମର ଭାଦ୍ରବ ମାସର ପାଳିତ ହେଉଥିବା ତଅପୋଇ ଓଷା।




ଅନୁଧାନରୁ ଜଣାଯାଏ ଯେ ପ୍ରାଚୀନ ଓଡ଼ିଶାର ଏ ନୌବାଣିଜ୍ୟ ଉତ୍‌ଥାନରୁ କ୍ରମଶଃ ଖସିଖସି ଶୋଡଷ ଶତାବ୍ଦୀବେଳକୁ ଏହା ଠପ୍ ହୋଇଗଲା। ଏ ପତନର ବିଭିନ୍ନ କାରଣକ ନେଇ ବିଚାରକଲେ ଜଣାଯାଏ ଯେ ପ୍ରକୃତରେ ପ୍ରତିକୂଳ ସ୍ଥିତି, ରାଜକୀୟ ଇଚ୍ଛାଶକ୍ତି ଓ ପୃଷ୍ଠପୋଷକତାର ଅଭାବ, ଜଳଦସ୍ୟୁମାନଙ୍କ ଲୁଣ୍ଠନ, ପର୍ତ୍ତୁଗୀଜ, କୋମ୍ବାଡ଼ିଆଙ୍କ ଆକ୍ରମଣ, ବିଦେଶୀ ବାଣିଜ୍ୟର ପ୍ରଭାବ, ସାମୁଦ୍ରିକ ଝଡ଼ର ଅହଂକାର ଏବଂ ପରିଶେଷରେ ମରହଟ୍ଟା, ମୁସଲମାନ ଓ ଇଂରେଜମାନଙ୍କ ଏ ଦେଶରେ ପ୍ରଭାବ ଓ ବାଣିଜ୍ୟ ବିସ୍ତାର। ତେବେ ଏକଥାତ ନିଶ୍ଚେ ମନେଥିବ: ***"ବହିତ୍ର ଲାଗିଲା ଯାଇ ସିଂହଳ ଦୀପରେ/ସାଧବ ଯୁବତୀଗଣ ଅତି ପ୍ରମୋଦରେ....॥ ... କରିଛି ସେ ସିଂହଳରୁ ମୁକ୍ତା ଆନୟନ॥"*** ଗତସ୍ୟ ଶୋଚନା ନାସ୍ତି। ତଥାପି କାର୍ତ୍ତିକ ପୂର୍ଣ୍ଣିମାର ପ୍ରାତଃ ଶୁଭ ଅବସରରେ କଦଳୀ ପଟୁକାରେ ପାନ, ଗୁଆ, ମୁଗ, ବିରି, ଇତ୍ୟାଦି ଥୋଇ ଦୀପଜାଳି ଧର୍ମ ଡଙ୍ଗା ଛାଡ଼ି ସ୍ମୃତି ଚାରଣ କରୁଛୁ : ***ଆ, କା, ମା, ଭୈଃ/ବୈ, ଗୁଆ ପାନ ଥୋଇ/ଗୁଆପାନ ଯାକ ତୋର; ମାସକ ଧର୍ମ ମୋର॥*** ଶେଷ ପଦଟି ନିର୍ଦ୍ଦିଷ୍ଟ ଭାବରେ ବହିଷ୍ୟାଳିଙ୍କୁ ବୁଝାଇଲେବି, ମୁଖ୍ୟତଃ ସଂପୂର୍ଣ୍ଣ ଅର୍ଥଟି ନୌ ବାଣିଜ୍ୟର ସ୍ମୃତି ଚାରଣ। କଟକର ବାଲିଯାତ୍ରା ବୋଇତ ବନ୍ଦାଣ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। କାରଣ ବୋଇତ ଯାତ୍ରା କେବଳ ବାଲିଦୀପକୁ ହେଉନଥିଲା କି କେବଳ କଟକରୁ ନଥିଲା। ଏହା ସମଗ୍ର କଳିଙ୍ଗ ବନ୍ଦରମାନଙ୍କରୁ ହେଉଥିଲା। ପୁନଶ୍ଚ ଏହା ବାଲିଦୀପ ନୁହେଁ, ବାଳୀଦୀପ। ତେବେ ଚୈତନ୍ୟଙ୍କ (୧୫୧୦-୧୫୩୩) ଆଗମନକୁ ନେଇ ଗଡ଼ଗଡ଼ିଆ ଘାଟରେ ବାଲିରେ ଯେଉଁ ମହାସଂକୀର୍ତ୍ତନ ହୋଇଥିଲା ଏବଂ ତାଙ୍କୁ ସାକ୍ଷୀ ଗୋପିନାଥଙ୍କ ଦର୍ଶନାର୍ଥେ ଯେଉଁ ସ୍ୱାଗତ କରାଯାଇଥିଲା, ଏହାଥିଲା ଏକ ଯାତ୍ରା। ହୋଇପାରେ ଏହା ସେଦିନ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ଏ ଦୃଷ୍ଟିରୁ କଟକର ବାଲିଯାତ୍ରା ଚୈତନ୍ୟଙ୍କର ସ୍ମୃତି ଚାରଣ ପାଇଁ ଅଧିକ ସମୀଚୀନ ହୋଇପାରେ; କିନ୍ତୁ ନୌବାଣିଜ୍ୟ କାରଣରୁ ନୁହେଁ। ସ୍ମୃତି ଦୁଃଖଦ ଅଥଚ କେତେ ମଧୁର!

**ବିପିନବିହାରୀ ମହାନ୍ତି,** ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ନିଟ୍ ପାଇଲେ ଧର୍ମଶାଳାର ୨ ଛାତ୍ରଛାତ୍ରୀ



ଧର୍ମଶାଳା (ପିଏନ୍): ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ପରୀକ୍ଷାରେ ଧର୍ମଶାଳା ବ୍ଲକର ୨ଜଣ ଛାତ୍ରଛାତ୍ରୀ ମେଡିକାଲ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଉତ୍ତର ପ୍ରତାପ ପଞ୍ଚାୟତ ନରସିଂହପୁର ଗ୍ରାମର ବ୍ୟବସାୟୀ ଶୁକଦେବ ସାହୁଙ୍କ ପୁଅ ଦେବାଶିଷ ସାହୁ ୭୨୦ରୁ ୬୮୦ ନମ୍ବର ରଖି ୯୦୫ ର୍‍ୟାଙ୍କରେ ରହିଛନ୍ତି। ସେହିପରି ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମର ବ୍ୟବସାୟୀ ଶରତ ନାୟକଙ୍କ ଝିଅ ମନୀଷା ନାୟକ ୬୨୧ ନମ୍ବର ରଖି ୧୧ହଜାର୫୭ ର୍‍ୟାଙ୍କ୍ ପାଇ ଏହି ସଫଳତା ହାସଲ କରିଛନ୍ତି। ମାଟ୍ରିକ୍ ପରୀକ୍ଷାରେ ମଧ୍ୟ ଉଭୟ ଏ୧ ଗ୍ରେଡ୍ ପାଇବା ପରେ ଭବିଷ୍ୟତରେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା ସୂଚନା ଦେଇଥିବା ବେଳେ 'ସମ୍ବାଦ' ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଖବର ଜଣାପଡିବା ପରେ ବିଭିନ୍ନ ମହଲ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା



କୋଣାର୍କ (ପିଏନ୍)-ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରକୁ ପ୍ରତ୍ନତତ୍ତ୍ୱ ବିଭାଗର କ୍ରମାଗତ ଅବହେଳା ଓ ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼ କରିବା ନିମନ୍ତେ ଦାବିକରି କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସୂର୍ଯ୍ୟମନ୍ଦିରକୁ ଉପଯୁକ୍ତ ସଂରକ୍ଷଣ, ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ ଏବଂ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ସ୍ଥାୟୀ ଥଇଥାନ, ଦୀର୍ଘ ଦିନ ଧରି ବେ ବନ୍ଦୋବସ୍ତ ହୋଇ ରହିଥିବା କୋଣାର୍କର ଜମିଜମା ସମସ୍ୟାର ସମାଧାନ ଓ ନବଗ୍ରହଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଦାବିକରି ସୂର୍ଯ୍ୟମନ୍ଦିର ସମୁଖରେ ଧାରଣାରେ ବସିରହିବା ସହ ପ୍ରତିବାଦ କରିଥିଲେ। ଏହି ଧାରଣାରେ ସୁରକ୍ଷା ସମିତିର ସଭାପତି ବାଦଲ ଦାଶ, ଆବାହକ ଭାଗୀରଥୀ ସ୍ୱାଇଁ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ରଘୁନାଥ ମହାପାତ୍ର, ଆଶାଲତା ରାଉତରାୟଙ୍କ ସମେତ ବିଭିନ୍ନ ସଙ୍ଗଠନ ମହିଳା ମୋର୍ଚ୍ଚା, ସୁରକ୍ଷା ସମିତିର ସମସ୍ତ ସଭ୍ୟ ଏବଂ ଅତିଥିଭାବେ ମୁକ୍ତିମଣ୍ଡପର ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର, ସମାଜସେବୀ ଗୋବିନ୍ଦ ମହାପାତ୍ର, ବିଭୁତି ମହାପାତ୍ର, ବାବା ଶକ୍ତିଦେବ ଶତପଥି ପ୍ରମୁଖ ଯୋଗ ଦେଇ ଏଏସଆଇର ସୂର୍ଯ୍ୟମନ୍ଦିର ପ୍ରତି ଉଦାସୀନତାକୁ ସମାଲୋଚନା କରିଥିଲେ। ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରଟି ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ଲୁହା ପାଇପ ଭାରାରେ ସୂର୍ଯ୍ୟମନ୍ଦିରକୁ ଆଚ୍ଛାଦିତ କରାଯାଇଥିବାରୁ ମନ୍ଦିରରେ ଖୋଦିତ ସୁକ୍ଷ୍ମ କାରୁକାର୍ଯ୍ୟକୁ ଦେଶ ବିଦେଶର ପର୍ଯ୍ୟଟକ ଦେଖିବାରୁ ବଞ୍ଚିତ ହେଉଥିବା ବେଳେ ବୈଠକ ପରେ ବୈଠକ ବସି ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ପାଣିରେ ପଡୁଛି। ଏହି ବୈଠକମାନଙ୍କରୁ ସୂର୍ଯ୍ୟମନ୍ଦିରର ସୁରକ୍ଷା ପାଇଁ କୌଣସି ରୂପରେଖ ଏଯାଏଁ ମିଳିପାରିନାହିଁ। ୧୯୯୬ ମସିହାରେ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ପାଇଁ ଶୁଳ୍କ ଲାଗୁ କରାଯାଇଥିଲା। ଏହାର ପ୍ରତିବାଦ କରି କୋଣାର୍କ ସୁରକ୍ଷା ସମିତି ମନ୍ଦିର ପ୍ରବେଶ ପାଇଁ ଶୁଳ୍କ ଛାଡ କରିବା ନିମନ୍ତେ ଦାବିରେ ସେହି ବର୍ଷଠାରୁ ପ୍ରତ୍ୟକ ବର୍ଷ ନଭେମ୍ବର ୧୭ ତାରିଖରେ ଏହି ଆନ୍ଦୋଳନ କରି ଆସୁଅଛି। ଏହି ଆନ୍ଦୋଳନକୁ ଇତିମଧ୍ୟରେ ୨୬ବର୍ଷ ପୁରି ଥିଲେ ମଧ୍ୟ ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ ହୋଇ ନ ଥିବା ବେଳେ ନବଗ୍ରହଙ୍କ ପାଇଁ ଭବ୍ୟ ମନ୍ଦିର ଏଯାବତ ନିର୍ମାଣ ହୋଇ ପାରି ନାହିଁ। ଧାରଣାରତ ସୁରକ୍ଷା ସମିତିର ସଭ୍ୟମାନେ ଏଏସଆଇର ଡି.ଜି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଗୋପ ତହସିଲଦା ଓ ଏଏସଆଇ କର୍ତ୍ତୃପକ୍ଷଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା।




# ଡି.ଏ.ଭି କଳିଙ୍ଗ ନଗର ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,(ପି.ଏନ): କରୋନା ଭୟାବହତା ସମୟରେ ଛାତ୍ରଛାତ୍ରୀ ମାନଙ୍କର ଅସନ୍ତୁଳିତ ମାନସିକ ସ୍ଥିତି ଓ ଏହାର ନିରାକରଣକୁ ଦୃଷ୍ଟିରେ ରଖି ଡି.ଏ. ଭି ସ୍କୁଲ୍, କଳିଙ୍ଗ ନଗର ଠାରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଆଲୁମ୍ନି ଆସୋସିଏସନ୍ ତରଫରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ସମ୍ ହସପିଟାଲର ମାନସିକ ରୋଗ ଚିକିତ୍ସକ ଡ. ଶୁଭେନ୍ଦୁ ନାରାୟଣ ମିଶ୍ର ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ମାନାସିକ ରୋଗର କାରଣ ଓ ନିରାକାରଣ ବାବଦରେ ବୁଝାଇଥିଲେ । ଡ. ମିଶ୍ର ଉଭୟ ସଫଳତା ଓ ବିଫଳତା ସମାନ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେବା ସହ ସଫଳତା ରେ ଅଧିକ ଖୁସି କିମ୍ବା ବିଫଳତାରେ ନିରାଶ ନ ହୋଇ ନୂତନ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଜୀବନରେ ବିଭିନ୍ନ ପ୍ରକାରର ଚାପ ଥାଏ, କେତେବେଳେ ପାରିବାରିକ ଚାପ, କେତେବେଳେ ଶିକ୍ଷା ଗତ ଚାପ ଏ ସବୁ ଚାପରୁ ମୁକ୍ତି ପାଇବାକୁ ଛାତ୍ରଛାତ୍ରୀ ଯୋଗ ଓ ପ୍ରାଣାୟାମ୍ କରିବା ସହ ଚାପଠାରୁ ଦୂରେଇ ନଯାଇ ଏହାକୁ ସାମନା କରି ଜିତିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବିପିନ୍ କୁମାର ସାହୁ ଏକ ସନ୍ତୁଳିତ ମସ୍ତିଷ୍କ ନୂତନ ଉଦ୍‌ଭାବନର ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ପୁରାତନ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟର କାର୍ଯ୍ୟକ୍ରମରେ ଭାଗ ନେଉଥିବାରୁ ଅତିଥିବୃନ୍ଦ ଏହି ଅବସରରେ ପ୍ରଶଂସା କରିଥିଲେ । ଡି. ଏ. ଭି. ଆଲୁମ୍ନି ଆସୋସିଏସନ୍ ତରଫରୁ ପୁରାତନ ଛାତ୍ର ଛାତ୍ରୀ ଆଶ୍ରିବାଦ୍ ମହାନ୍ତି, ସମ୍ପାଦକ ଦେବଶ୍ରିତା ଶତପଥୀ, ସହ ସମ୍ପାଦକ ଶତାବ୍ଦୀ ପଲାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆନନ୍ଦପୁର ପୌରପାଳିକା ତରଫରୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

ଆନନ୍ଦପୁର, (ପି.ଏନ):ଆଜି ଆନନ୍ଦପୁର ପୌରପରିଷଦ ୪ ନଂ ୱାର୍ଡ ସ୍ଥିତ ସରକାରୀ ମଡେଲ ସ୍କୁଲ ଓ ଫକୀରପୁର ୧୦ନଂ ୱାର୍ଡ ସ୍ଥିତ ଜୟଦୁର୍ଗା ପ୍ରାଥମିକ ବିଦ୍ୟାଳୟ ଠାରେ ବିଧାୟକ ଭାଗିରଥି ସେଠୀଙ୍କ ଦ୍ୱାରା ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ କେନ୍ଦୁଝର ଜିଲ୍ଲାରେ ଏହି ସ୍ମାର୍ଟ ହେଲ୍‌ଥ କାର୍ଡର ଶୁଭାରମ୍ଭ କରିଛନ୍ତି । ଏହି କାର୍ଡ ଜରିଆରେ ହିତାଧିକାରୀମାନେ ଦେଶର ବଡ ବଡ ୨୦୦ ଡାକ୍ତରଖାନାରେ ମାଗଣାରେ ନିଜର ଚିକିତ୍ସା କରାଇ ପାରିବେ। ପରିବାର ପିଛା ୫ଲକ୍ଷ ଟଙ୍କା ଓ ମା'ମାନଙ୍କ ନିମନ୍ତେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସେବା ନିମନ୍ତେ ବ୍ୟବସ୍ଥା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶର ସ୍ୱାସ୍ଥ୍ୟ ସେବା ଠିକ୍ ନରହିଲେ ଏହା ଦେଶର ଏକ ବଡ ଚିନ୍ତା ହେବ ବୋଲି ସେ କହିଥିଲେ । ସ୍ୱାସ୍ଥ୍ୟ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଯଦି ପରିବାରରେ କାହାର ଦେହ ଖରାପ ହୁଏ ତାକୁ ଉଚିତ୍ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଯାଇ କିଏ ଜମି ବିକି ଥାଏ ତ କିଏ ସୁନା ଗହଣା ବିକ୍ରୀ କରିଥାଏ ଓ କେହି କେହି ଲୋକ ପିଲାଙ୍କ ପାଠପଢା ବନ୍ଦ କରି ଦେଇଥାନ୍ତି । ତେଣୁ ରାଜ୍ୟ ସରକାରଙ୍କ ଏଭଳି ଏକ ଅଭିନ୍ନ ପ୍ରୟାସରେ ଲୋକମାନେ ନିଜର ସଠିକ୍ ଚିକିତ୍ସା ମାଗଣାରେ କରାଇ ସେହି ପଇସାକୁ ସଂଚୟ କରି ନିଜର ପିଲାଙ୍କ ଭବିଷ୍ୟତ ଲାଗି ରଖିପାରିବେ । ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ପ୍ରଧାନ, ପୂର୍ବତନ ୪ନଂ ୱାର୍ଡର ୱାର୍ଡମେମ୍ବର ମମତାରାଣୀ ଜେନା, ଯନ୍ତ୍ରୀ ଚିତ୍ତରଂଜନ ସେଠୀ, ସୁନୟନା ଧୀର,ସୁରେନ୍ଦ୍ର ନାଥ ମିଶ୍ର, ବିଷ୍ଣୁ ବେହେରା, କମଳା ଦୀକ୍ଷିତ, ସଙ୍ଗୀତା ଦଳେଇଙ୍କ ସମେତ ସ୍ୱଚ୍ଛ ସାଥୀ ଓ ୪ନଂ ୱାର୍ଡର ରିଟେଲର ମଦନ ମୋହନ ଦଳେଇ ଉପସ୍ଥିତ ରହିଥିବା ବେଳେ ୫ ଦିନ ଧରି ସରକାରୀ ମଡେଲ ସ୍କୁଲରେ ଏହି ସ୍ମାର୍ଟକାର୍ଡ ବଣ୍ଟନ କରାଯିବା ସହ ଅନ୍ୟ ୱାର୍ଡ ଗୁଡିକରେ ମଧ୍ୟ ଯଥାଶୀଘ୍ର ବଣ୍ଟନ କରାଯିବ ।

# ଆନନ୍ଦପୁର ଦଧିବାମନଜୀଉ ମନ୍ଦିରରେ ନୂତନ ଭାବେ ଦେବସ୍ନାନ ପୂର୍ଣ୍ଣିମା ମଣ୍ଡପ କାର୍ଯ୍ୟର ଶୁଭାରମ୍ଭ

ଆନନ୍ଦପୁର, (ପି.ଏନ): ଆଜି ଉପ-ଜିଲ୍ଲାପାଳ ଗୋପୀନାଥ କୁଅଁରଙ୍କ ଦ୍ୱାରା ଆନନ୍ଦପୁର ଦଧିବାମନଜୀଉ ମନ୍ଦିର ସ୍ଥିତ ଦେବସ୍ନାନ ମଣ୍ଡପ ନୂତନ ଭାବେ ନିର୍ମାଣ କରାଯାଉଥିବା ବେଳେ ଆଜି କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ଦଧିବାମନଜୀଉ ମନ୍ଦିରର ପୂଜକଙ୍କ ଦ୍ୱାରା ଏହି କାର୍ଯ୍ୟର ଶୁଭ ଆରମ୍ଭ କରାଯାଇଥିଲା । ଚତୁର୍ଦ୍ଧାମୂର୍ତ୍ତୀଙ୍କ ନିମନ୍ତେ ଏହି ଦେବସ୍ନାନ ମଣ୍ଡପ ପାଇଁ ଦେବୋତ୍ତର ବିଭାଗ ତରଫରୁ ୪ ଲକ୍ଷ ଟଙ୍କା ବ୍ୟୟରେ ଉପଜିଲ୍ଲାପାଳ ଓ ମନ୍ଦିର ପରିଚାଳନା କମିଟିର ସହଯୋଗରେ ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଥିବାବେଳେ ପଞ୍ଜିକର ଚତୁର୍ଥ ଦିନରେ ଏହି କାର୍ଯ୍ୟର ଶୁଭ ଦିଆଯାଇଛି ।

# ସ୍ମାର୍ଟ ସ୍ୱାସ୍ଥ୍ୟ ସେବାରେ ସାମିଲ୍ ହେଲା କେନ୍ଦୁଝର : ଜିଲ୍ଲାରେ ସ୍ମାର୍ଟ୍ ହେଲ୍‌ଥ୍ କାର୍ଡ ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର, (ପି.ଏନ):ସ୍ମାର୍ଟ ସ୍ୱାସ୍ଥ୍ୟ ସେବାରେ ସାମିଲ୍ ହୋଇଛି କେନ୍ଦୁଝର ଜିଲ୍ଲା । ଚଳିତ ନଭେମ୍ବର ୧୮ ତାରିଖ ଗୁରୁବାର ଦିନ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାନ୍ତରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାରେ ୨୦୩୭ କୋଟି ଟଙ୍କାର ୪୧୨ ଟି ପ୍ରକଳ୍ପର ଉଦ୍‌ଘାଟନ / ଶିଳାନ୍ୟାସ /ଘୋଷଣା କରିଛନ୍ତି । ଏହି ଉପଲକ୍ଷେ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ବିକାଶରେ କେନ୍ଦୁଝର ଜିଲ୍ଲାର ଅବଦାନ ବହୁତ ବେଶୀ । କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଜିଲ୍ଲା ଭାବେ ଗଢିବା ପାଇଁ ଆମର ଲକ୍ଷ୍ୟ । ବହୁତ ଖୁସିର କଥା-ଶିଶୁ ଦିବସ ଦିନ ୫-ଟି ଯୋଜନାରେ କେନ୍ଦୁଝର ଜିଲ୍ଲାର ୧୦୦ଟି ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ ହୋଇଛି । ଗୋଟିଏ ଦିନରେ ୧୦୦ଟି ବିଦ୍ୟାଳୟର ଲୋକାର୍ପଣ ସାରା ରାଜ୍ୟରେ ରେକର୍ଡ । ଏଥିପାଇଁ ମୁଖ୍ୟମନ୍ତ୍ରୀ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭଲ ପିଇବା ପାଣି ଉପରେ ଆମେ ସବୁବେଳେ ଗୁରୁତ୍ୱ ଦେଉଛୁ । କେନ୍ଦୁଝର ଜିଲ୍ଲାର ସବୁ ଗାଁ, ସବୁ ସହର ଓ ସବୁ ପରିବାରକୁ ୨୦୨୨ ମସିହା ଡିସେମ୍ବର ମାସ ସୁଦ୍ଧା ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ପୁଷ୍ଟି ନିରାପତା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ବହୁତ ଭଲ କାମ କରୁଥିବା ଜାଣି ସେ ବହୁତ ଖୁସି ବୋଲି କହିଥିଲେ । ଜନଜାତି ଭାଇଭଉଣୀମାନଙ୍କର ରୋଜଗାର ବୃଦ୍ଧି ଉପରେ ଆମର ସ୍ୱତନ୍ତ୍ର ଧ୍ୟାନ ରହିଛି । ଏଥିପାଇଁ କେନ୍ଦୁଝର ଜିଲ୍ଲାରେ ୩୬ କୋଟି ଟଙ୍କାର ମେଗା କୁକୁଡା ଚାଷ ପ୍ରକଳ୍ପ ଆରମ୍ଭ କରାଯିବ । ଏହାଦ୍ୱାରା ୩୦ ହଜାର ଭାଇଭଉଣୀ ଉପକାର ପାଇବେ । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ ଆଜି ଖୁସି ଯେ କେନ୍ଦୁଝର ଜିଲ୍ଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା - ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାରେ ସାମିଲ୍ ହୋଇଛି । ଏହା ଦ୍ୱାରା ୪ ଲକ୍ଷ ୨୦ ହଜାର ପରିବାର ଉପକାର ପାଇବେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରିଛୁ । ଗତ ସେପ୍ଟେମ୍ବର ମାସରୁ ଏହା ଲାଗୁ ହୋଇଛି । ରାଜ୍ୟର ୯୬ ଲକ୍ଷ ପରିବାରକୁ ଏହି ସ୍ମାର୍ଟ କାର୍ଡ ଦିଆଯିବ । ଏହାଦ୍ୱାରା ରାଜ୍ୟର ସାଢେ ୩ କୋଟି ଲୋକ ଉପକାର ପାଇବେ । ଏହି ନୂଆ ବ୍ୟବସ୍ଥାରେ ଆପଣମାନଙ୍କୁ ଡାକ୍ତରଖାନାରେ କିଛି ଡକ୍ୟୁମେଂଟ୍ ଦରକାର ନାହିଁ । କେବଳ ଏହି ସ୍ମାର୍ଟକାର୍ଡ ସାଥିରେ ନେଇ ଡାକ୍ତରଖାନାକୁ ଯିବାକୁ ହେବ । ୨୦୦ ରୁ ଅଧିକ ବଡ ବଡ ଡାକ୍ତରଖାନାରେ ଏହି କାର୍ଡ ଦ୍ୱାରା ଜନସାଧାରଣ ସୁବିଧା ପାଇ ପାରିବେ । ଏହି କାର୍ଡରେ ପରିବାର ପାଇଁ ୫ ଲକ୍ଷ ଏବଂ ମା'ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ । ଏପରି ସୁବିଧା ଦେବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ରାଜ୍ୟ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲ୍ ଷ୍ଟୋନ୍ । ସ୍ୱାସ୍ଥ୍ୟ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏଣୁ ପରିବାରରେ କେହି ଅସୁସ୍ଥ ହେଲେ ଆମର ଟେନସନ ବଢିଯାଏ । ସବୁଠାରୁ ବଡ ଟେନସନ୍ - ଚିକିତ୍ସା ପାଇଁ ଟଙ୍କା । ଏଥିପାଇଁ କିଏ ଜମି ବିକେ, କିଏ ସୁନା ବିକେ, କିଏ ଋଣ କରନ୍ତି, କେହି କେହି ଚିକିତ୍ସା ପାଇଁ ତାଙ୍କ ପିଲାଙ୍କ ପାଠପଢା ବନ୍ଦ କରିଦିଅନ୍ତି । ଏହି ଖବର ପାଇ ମୋତେ ବହୁତ ଦୁଃଖ ଲାଗେ । ଆମର ଏହି ସ୍ମାର୍ଟ ହେଲ୍‌ଥ କାର୍ଡ ଜନସାଧାରଣ ଏହି ଦୁଃଖ ଦୂର କରିବ । ଜନସାଧାରଣଙ୍କ ଚିକିତ୍ସା ପାଇଁ ଯେଉଁ ଖର୍ଚ୍ଚ କରୁଛନ୍ତି ସେହି ଟଙ୍କାକୁ ସଂଚୟ କରିପାରିବେ, ନିଜ ପିଲାଙ୍କ ପାଠ ପଢାରେ ଓ ପରିବାରର ଉନ୍ନତି ପାଇଁ ଖର୍ଚ୍ଚ କରିପାରିବେ । ଆପଣ ଜାଣନ୍ତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଜିଲ୍ଲା ସଦର ମହକୁମା ଡାକ୍ତରଖାନା ପର୍ଯ୍ୟନ୍ତ ସବୁ ସରକାରୀ ଡାକ୍ତରଖାନାରେ ଓଡିଶାବାସୀଙ୍କର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି । ସରକାରୀ ଡାକ୍ତରଖାନାରେ ଡାୟାଲିସିସ୍ ଠାରୁ ଆରମ୍ଭ କରି କେମୋ ଥେରାପି, ସିଟି ସ୍କାନ୍ ଓ ବିଭିନ୍ନ ପ୍ରକାର ଟେଷ୍ଟ୍ ସୁବିଧା ମିଳୁଛି । ଆମର ଲକ୍ଷ ଲକ୍ଷ ରୋଗୀ ସରକାରୀ ଡାକ୍ତରଖାନାରେ ଏ ସବୁ ସୁବିଧା ନେଉଛନ୍ତି ବୋଲି କହିଥିଲେ । ଏତଦ୍‌ବ୍ୟତୀତ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ- ମୋ ପାଇଁ ପ୍ରତି ଜୀବନ ମୂଲ୍ୟବାନ । ସେ ଚାଷୀ ହେଉ, ମୂଲିଆ ହେଉ, ଛୋଟ ଦୋକାନୀ ହେଉ, ରିକ୍‌ସା ଚାଳକ ହେଉ ଅବା ସାଧାରଣ ଲୋକ ସମସ୍ତଙ୍କର ଜୀବନ ମୋ ପାଇଁ ମୂଲ୍ୟବାନ୍ । ସମସ୍ତେ ସୁସ୍ଥ ରହନ୍ତୁ, ସ୍ୱାସ୍ଥ୍ୟ ସେବା ସୁବିଧାରୁ କେହି ବଂଚିତ ନହୁଅନ୍ତୁ । ନିଜ ପରିବାର ଓ ରାଜ୍ୟର ଉନ୍ନତି ପାଇଁ କାମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୫୮ କୋଟି ୨୩ ଲକ୍ଷ ଟଙ୍କାର ୧୪୨ ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ । ତନ୍ମଧ୍ୟରୁ ୧ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହିଳା ଓ ଶିଶୁ ବିକାଶ ବିଭାଗର ୨ ଟି ପ୍ରକଳ୍ପ, ୨୬୪ କୋଟି ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭୩ ଟି ରାସ୍ତା ଓ ସେତୁ ନିର୍ମାଣ ପ୍ରକଳ୍ପ, ୬ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫ ଟି ପରିମଳ, ପରିବେଶ ସୁରକ୍ଷା ଓ ସାଧାରଣ ସୁବିଧା ସଂର୍ପକିତ ପ୍ରକଳ୍ପ, ୧୭୯ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫୭ ଟି ଶିକ୍ଷା ଓ ସ୍ୱାସ୍ଥ୍ୟ ଏବଂ କ୍ରିଡା ଭିତିଭୂମି ପ୍ରକଳ୍ପ, ୬ କୋଟି ୬୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫ ଟି ଜୀବିକା ବିକାଶ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ୧୨୦୧ କୋଟି ୬୯ ଲକ୍ଷ ଟଙ୍କା ଅଟକଳରେ ୨୫୭ ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ୬୫ କୋଟି ୫ ଲକ୍ଷ ଟଙ୍କା ଅଟକଳରେ ମହିଳା ଓ ଶିଶୁ ବିକାଶ ବିଭାଗର ୨ ଟି ପ୍ରକଳ୍ପ, ୬୧୩ କୋଟି ୬୬ ଲକ୍ଷ ଟଙ୍କା ଅଟକଳରେ ୧୪୬ ଟି ରାସ୍ତା ଓ ସେତୁ ନିର୍ମାଣ ପ୍ରକଳ୍ପ, ୬୫ କୋଟି ୩୯ ଲକ୍ଷ ଟଙ୍କା ଅଟକଳରେ ପରିମଳ, ପରିବେଶ ସୁରକ୍ଷା ଓ ସାଧାରଣ ସୁବିଧା ସଂର୍ପକିତ ୨୭ ଟି ପ୍ରକଳ୍ପ, ୪୨୪ କୋଟି ୫୦ ଲକ୍ଷ ଟଙ୍କା ଅଟକଳରେ ୫୦ଟି ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ୩୩ କୋଟି ୯ ଲକ୍ଷ ଟଙ୍କା ଅଟକଳରେ ୩୨ ଟି ଜୀବିକା ବିକାଶ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ ଏତଦ୍‌ବ୍ୟତୀତ ମୁଖ୍ୟମନ୍ତ୍ରୀ ୩୭୭ କୋଟି ଟଙ୍କା ଅଟକଳର ୧୧ ଟି ନୂଆ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ । କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ, କେନ୍ଦୁଝର ଲୋକସଭା ସଦସ୍ୟା ଇଂ ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ ବକ୍ତବ୍ୟ ପ୍ରଦାନ କରି କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ବିକାଶରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦକ୍ଷ ନେତୃତ୍ୱ ଏବଂ ଦୂରଦର୍ଶୀ ପଦକ୍ଷେପ ପାଇଁ ବିଭିନ୍ନ କ୍ଷେତ୍ରରେ ଓଡିଶା ଦେଶରେ ତଥା ବିଶ୍ୱରେ ସୁନାମ ଅର୍ଜନ କରୁଛି ବୋଲି କହିଥିଲେ ।

# ଯୋଡାରେ ଜାତୀୟ ପ୍ରେସ୍ ଦିବସ ପାଳିତ

ଯୋଡା, (ପି.ଏନ):ଯେଉଁ ଦେଶର ଗଣମାଧ୍ୟମ ଯେତେ ମଜବୁତ ସେ ଦେଶର ଗଣତନ୍ତ୍ର ସେତେ ସୁଦୃଢ । ଗଣମାଧ୍ୟମକୁ ସୁଦୃଢ,ନିରପେକ୍ଷ, ସ୍ୱତନ୍ତ୍ର, ଦାୟୀତ୍ୱ ସମ୍ପନ୍ନ, ଚାପମୁକ୍ତ କରିବା ପାଇଁ ପ୍ରେସ କାଉନ୍‌ସିଲର ଗଠନ କରାଯାଇଛି । ଗଣମାଧ୍ୟମ ତାର ଦାୟୀତ୍ୱ ସୁଚାରୁରୂପେ ତୁଲାଇ ଆସୁଥିବା ବେଳେ ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇ ପାରିଛି । ଜନସାଧାରଣ ଅନ୍ୟ ତିନୋଟି ସ୍ତମ୍ଭ ଉପରୁ ଆସ୍ଥା ହରାଇଲେ ଚତୁର୍ଥ ସ୍ତମ୍ଭ ଉପରେ ଭରସା କରିଥାନ୍ତି । ତେଣୁ ଗଣମାଧ୍ୟମର ଦାୟୀତ୍ୱ ବୃଦ୍ଧି ପାଇଛି । କରୋନା କାଳରେ ଗଣମାଧ୍ୟମ ପ୍ରତିନିଧିମାନେ କୋରନା ଯୋଦ୍ଧା ଭାବେ ନିଜ ଜୀବନକୁ ବାଜି ଲଗାଇ ନିର୍ଭିକ ଭାବେ ଖବର ପରିବେଷଣ କରିପାରିଛନ୍ତି । ଫଳରେ ଗଣମାଧ୍ୟମର ସଚେତନତା ଯୋଗୁଁ କୋରନା ଭଳି ମହାମାରୀକୁ ରୋକାଯାଇ ପାରିଛି । ପ୍ରଶସନିକ ଚାପରେ ସଠିକ୍ ପୀଡିତ ଏବଂ ମୃତବ୍ୟକ୍ତିଙ୍କ ସଂଖ୍ୟାକୁ ସୀମିତ ରଖାଯାଇଥିବା ବେଳେ ଗଣମାଧ୍ୟମର ସଠିକ୍ ଆକଳନ ଏବଂ ଖବର ପରିବେଷଣ ଯୋଗୁଁ ପୀଡିତ ଏବଂ ମୃତ ବ୍ୟକ୍ତିମାନେ ସହାୟତା ପାଇପାରିଛନ୍ତି । ଏପରି ସ୍ଥଳେ ଅଧିକାଂଶ କ୍ଷେତ୍ରରେ ରାଜନୈତିକ ଏବଂ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଆକ୍ରୋଶର ଶୀକାର ହେଉଥିବା ଦେଖାଯାଇଛି । ତେଣୁ ଗଣମାଧ୍ୟମ ଉପରେ ଯେତିକି ଦାୟୀତ୍ୱ ରହିଛି ସେହି ଅନୁପାତରେ ସୁରକ୍ଷା ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ଯୋଡା ପ୍ରେସ୍ କ୍ଲବ ପକ୍ଷରୁ ଭ୍ୟାଲି କ୍ଲବ ଠାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଯୋଡା ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ପ୍ରେସ ଦିବସ ପାଳନ ସମିତିର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରକାଶ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲ ନୂଆମୁଣ୍ଡିର ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ହିନ୍ଦୁ ଦୈନିକ ଖବରକାଗଜର ପୂର୍ବତନ ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଫୁଲ ଦାସ, ସମ୍ମାନୀୟ ଅତିଥି ଭାବେ ରାଜ୍ୟର ଜଣେ ସୁପରିଚିତ କବି, ଲେଖକ ତଥା ସ୍ତମ୍ଭକାର କେଦାର ମିଶ୍ର ଓ ଯୋଡା ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମଙ୍ଗଳବାର ପ୍ରାତଃ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ କଳାପାହାଡ ଠାରେ ଅବସ୍ଥିତ ପ୍ରେସ୍ କ୍ଲବ ଠାରୁ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ଯୋଡା ସହର ପରିକ୍ରମା କରି ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସନ୍ଧ୍ୟା ସମୟରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମଟିରେ ଯୋଡାର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ବଡବିଲ, କେନ୍ଦୁଝର, ଝୁମ୍ପୁରାର ବିଭିନ୍ନ ପ୍ରାନ୍ତରରୁ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଦୁର୍ନୀତି ଅଭିଯୋଗର କାର୍ଯ୍ୟାନୁଷ୍ଠାନ ଶୂନ

ହାଟଡିହି, (ପି.ଏନ):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଶଢା ପଂଚାୟତରେ ହୋଇଥିବା ଦୁର୍ନୀତିର ଯାହା ହାତରେ ଚାବି ସେ ଘଟଣାକୁ ଦେଉଛନ୍ତି କି ଦାବି । ଦୁର୍ନୀତିର ସତ୍ୟାସତ୍ୟ ପ୍ରମାଣ ଥାଇ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ । ତଦନ୍ତକୁ ଗୋଳିଆ କରୁଛନ୍ତି କି ଜିଲ୍ଲା ତଦନ୍ତ ଅଧିକାରୀ । ପଦବୀଧାରୀଙ୍କ ମନଇଛା କାର୍ଯ୍ୟ ପାଇଁ ବେଳେ ବେଳେ ଅନେକ ଦୁର୍ନୀତି ସମ୍ବଳିତ ତଥ୍ୟ ଥାଇ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଲୁଚିବାର ନିଜର ରହିଛି । ଏମିତି ଏକାଧିକ ଥର ଅଭିଯୋଗ ପରେ ତଦନ୍ତ କରିବାକୁ ଆସି ତଦନ୍ତ କରି ସାରବା ପରେ ବିଭାଗୀୟ ଅଧିକାରୀ ନାହିରେ ତେଲ ଦେଇ ଶୋଇବାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଲାଣି । ହେଲେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ଜିଲ୍ଲା ପ୍ରଶସନିକ ଅଧିକାରୀ । ସୂଚନା ମୁତାବକ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସଢା ପଂଚାୟତ ନାଗତୋଟା ସାହିରେ ମନରେଗା ଯୋଜନାରେ ଗ୍ରାମସାଥୀଙ୍କ ଦସ୍ତଖତକୁ ଜାଲିଆତି କରି କାର୍ଯ୍ୟାଦେଶ ବାହାର କରିବା ସହ କାମ ନକରି ଅର୍ଥ ଉଠାଇ ନେଇଯିବାର ଅଭିଯୋଗ ହୋଇଥିଲା ।

# ଜମାତ୍-ଇ-ଇସ୍‌ଲାମି ହିନ୍ଦ୍ ପକ୍ଷରୁ ଶିକ୍ଷକମାନଙ୍କ ପାଇଁ ଦକ୍ଷତା ତାଲିମ୍ ଶିବିର ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ଶିକ୍ଷକମାନଙ୍କର ନୂତନ ଜ୍ଞାନକୌଶଳ ଓ ଦକ୍ଷତା ବୃଦ୍ଧି, ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଉତମ ସମ୍ପର୍କ ଗଠନ ସହ ଶିକ୍ଷା କ୍ଷେତ୍ରରେ ନୂତନ ଆହ୍ୱାନ ପାଇଁ ଏକ ଦକ୍ଷତା ତାଲିମ୍ ଶିବିର ଭୁବନେଶ୍ୱରର ପଟିଆସ୍ଥିତ ଜମାତ୍ -ଇ-ଇସଲାମି ହିନ୍ଦ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଅଲ୍ ଇଣ୍ଡିଆ ଆଇଡଲ୍ ଟିଚର୍ସ ଆସୋସିଏସନ୍‌ର ଜାତୀୟ ସଭାପତି ଅବଦୁଲ୍ ରହିମ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ଶିକ୍ଷକମାନଙ୍କର ଏହି ଦକ୍ଷତା ତାଲିମ୍ ଶିବିରରେ ଜମାତ୍ ଇ ଇସଲାମି ହିନ୍ଦ୍ ଭୁବନେଶ୍ୱରର ରାଜ୍ୟ ସଂଯୋଜକ ସଫଦର୍ ହାସିମ୍ ଉପସ୍ଥିତ ରହି ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଯୋଗୁଁ ଶିକ୍ଷକମାନେ ନୂତନ ଜ୍ଞାନକୌଶଳ ବୃଦ୍ଧି ସହ ଛାତ୍ରଛାତ୍ରୀମାନଙ୍କ ମାନସିକ ସ୍ତରରେ ବିକାଶରେ ବୃଦ୍ଧି ଘଟିବ । ସାରା ଦେଶରେ ଏହି ଆସୋସିଏସନ୍ ସହିତ ୧୦ହଜାର ସଭ୍ୟ ଜଡିତ ରହିଛନ୍ତି । ଏହି ଆସୋସିଏସନ୍ ପକ୍ଷରୁ ବିଭିନ୍ନ ସମୟରେ ଏହିଭଳି ତାଲିମ୍ ପ୍ରଦାନ କରାଯାଉଛି ବୋଲି ସୂଚନା ଦେଇ କହିଛି ଆସୋସିଏସନ୍ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




Bhubaneswar Friday November 19, 2021 ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୧୯,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଅଡି ଇଣ୍ଡିଆ ପ୍ରି-ଓନଡ୍ କାର ବ୍ୟବସାୟକୁ ସମ୍ପ୍ରସାରଣ-ଭୁବନେଶ୍ୱରରେ: ଅଡି-ଆପ୍ରୁଭଡ୍ ପ୍ଲସ୍ ସୁବିଧା ଆରମ୍ଭ କଲା



ଭୁବନେଶ୍ୱର, (ପି.ଏନ): ଜର୍ମାନ ବିଳାସପୂର୍ଣ୍ଣ କାର ନିର୍ମାତା ଅଡି ଏହାର ପୂର୍ବ ମାଲିକାନା ବିଳାସପୂର୍ଣ୍ଣ କାର ଶୋ'ରୁମ ଖୋଲିଛି । ଭୁବନେଶ୍ୱରରେ ଅଡି-ଆପ୍ରୁଭଡ୍ ପ୍ଲସ ଶୋ ୪,୫୦୦ ବର୍ଗଫୁଟ ଅଂଚଳରେ ବିସ୍ତାର କରନ୍ତୁ। ଏହି ଅତ୍ୟାଧୁନିକ ଶୋ'ରୁମ ଭୁବନେଶ୍ୱର ଏବଂ ନିକଟବର୍ତ୍ତୀ ଅଂଚଳରେ ଉଚ୍ଚମାନର ପ୍ରି-ଓନଡ୍ ବିଳାସପୂର୍ଣ୍ଣ କାରର ଚାହିଦାକୁ ପୂରଣ କରିବାକୁ ସକ୍ଷମ ହେବ। ଏହି ଅବସରରେ ଅଡି ଇଣ୍ଡିଆର ମୁଖ୍ୟ ବଲବୀର ସିଂ ଧିଲନ କହିଲେ, ଭୁବନେଶ୍ୱରରେ ପ୍ରି-ଓନଡ୍ ବିଳାସପୂର୍ଣ୍ଣ କାରର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଏହି ଚାହିଦାକୁ ପୂରଣ କରିବା ଏବଂ ଆମର ପ୍ରି-ଓନଡ୍ ବିଳାସପୂର୍ଣ୍ଣ କାରର ବ୍ୟବସାୟ ନେଟୱାର୍କକୁ ସମ୍ପ୍ରସାରଣ କରିବା ପାଇଁ ଆମେ ଭୁବନେଶ୍ୱରରେ ପ୍ରି-ଓନଡ୍ କାର ସୁବିଧା ଆରମ୍ଭ କରିଛୁ। ଏହି ସୁବିଧା ଗ୍ରାହକଙ୍କ ପାଇଁ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରିବାକୁ ସକ୍ଷମ ହେବ। ସେମାନଙ୍କୁ ପ୍ରି-ଓନଡ୍ ବିଳାସପୂର୍ଣ୍ଣ କାରର ବିସ୍ତୃତ ବର୍ଗ ଉପଲବ୍ଧ କରାଯିବ। ଅଡି ଇଣ୍ଡିଆ ଏହାର ସାର୍ଟିଫାଏଡ୍ ପ୍ରି ଓନଡ୍ କାର ଉପରେ ୨ ବର୍ଷର ଅସୀମିତ କିଲୋମିଟର ୱାରେଂଟି ପ୍ରଦାନ କରିବ।ଏହି ଶୋ'ରୁମ ସହିତ ଆମେ ଅଡି ଅଭିଜ୍ଞତାକୁ ନୂତନ ଅଂଚଳକୁ ଆଣିବାକୁ ସ୍ଥିର କରିଛୁ। କାର୍ ଗୁଡ଼ିକର ୩୦୦ ରୁ ଅଧିକ ମଲ୍ଟି-ପଏଂଟ ଯାଂଚ୍ ସହିତ, ଯାନଗୁଡ଼ିକ ଯାନ୍ତ୍ରିକ, ବଡି ୱାର୍କ, ଇଂଟେରିୟର ଏବଂ ବୈଦ୍ୟୁତିକ ଯାଂଚ ଏବଂ ଏକ ସମ୍ପୂର୍ଣ୍ଣ ସଡକ-ପରୀକ୍ଷଣ ମଧ୍ୟ କରାଯାଇଥାଏ। ଅଡ଼ି ଆପ୍ରୁଭଡ୍ ପ୍ଲସ୍ ପ୍ରୋଗ୍ରାମ ଦୁଇ ବର୍ଷର ଅସୀମିତ କିଲୋମିଟର ୱାରେଂଟି, ୨୪୭ ଅଡି ରୋଡ ସାଇଡ ସହାୟତା, କାରର ସମ୍ପୂର୍ଣ୍ଣ ସର୍ଭିସ୍ ଇତିହାସ ଆଦି ଉପଲବ୍ଧ ହୋଇଥାଏ। ଏହି ପ୍ରୋଗ୍ରାମରେ ସହଜ ଆର୍ଥିକ ଏବଂ ବୀମାର ଲାଭ ମଧ୍ୟ ପ୍ରଦାନ କରାଯାଇଥାଏ।ଏହି ଅବସରରେ ଅଡ଼ି ସହିତ ସହଭାଗୀତା ସମ୍ପର୍କରେ ଅଡି ଭୁବନେଶ୍ୱରର ଡିଲର ପ୍ରିନ୍ସିପାଲ ଦେବଜ୍ୟୋତି ପଟ୍ଟନାୟକ କହିଲେ, ଅଡି ବ୍ରାଣ୍ଡ ସହିତ ଆମର ମିଳନ ଦୀର୍ଘ ଏବଂ ଫଳପ୍ରଦ ହୋଇଛି। ଭୁବନେଶ୍ୱରରେ ଏକ ପ୍ରି-ଓନଡ୍ କାର ସୁବିଧା ଖୋଲିବା ସହ ଆମେ ଏହାକୁ ଆଗକୁ ନେଇଯାଇଥିବାରୁ ବେଶ୍ ଖୁସି। ଏହି ଅଂଚଳର ଗ୍ରାହକଙ୍କୁ ବିଳାସପୂର୍ଣ୍ଣ ପ୍ରି-ଓନଡ୍ କାର ଯୋଗାଇବା ଲକ୍ଷ୍ୟ ନେଇ ଆମେ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛୁ।

## ପୂର୍ବତନ ସମବାୟ ବ୍ୟାଙ୍କ୍ ଅଧିକାରୀଙ୍କ ପରଲୋକ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଦୁଅମାଗୁରା ଗ୍ରାମର କାଶୀନାଥ ସାମଲ(୮୬)ଙ୍କ ବୁଧବାର ପରଲୋକ ହୋଇଯାଇଛି । ଗତକାଲି ବାଥ୍‌ରୁମ୍‌ରେ ପଡିଯିବାରୁ ସେ ଚେତାଶୂନ୍ୟ ହୋଇ ଯାଇଥିଲେ । ତୁରନ୍ତ ତାଙ୍କୁ ଗଡ଼ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲେ ହେଁ, ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ବାସନ୍ତୀ, ପୁଅ ସୁକାନ୍ତ, ସାନଭାଇ ବର୍ଷିଆନ ସାମ୍ବାଦିକ ବିଶ୍ୱନାଥ ସାମଲ, ଝିଅ ଅଧ୍ୟାପିକା କବିତା ସାମଲଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ସାମଲ ସମବାୟ ବ୍ୟାଙ୍କ୍‌ର ଆଞ୍ଚଳିକ ପରିଚାଳକ ପଦବୀରୁ ଅବସର ଗ୍ରହଣ କରିବା ପରେ ନିଜକୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ରଖିଥିଲେ । ଏହି ଖବର ଜଣାପଡିବା ପରେ ମଧୁପୁରଗଡ଼ ଓ ଦର୍ପଣ ଗଡ଼ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ସେହିପରି ଶିକ୍ଷାବିତ୍ ତ୍ରିଲୋଚନ ପ୍ରଧାନ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ମାନସିଂହ, ପ୍ରସନ୍ନ କୁମାର ପାଟସାଣି, ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ନଗେନ୍ଦ୍ର ପ୍ରଧାନ, ରାଜ୍ୟସଭା ସାଂସଦ ସୁବାଷ ସିଂହ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ଗୁରୁଚରଣ ଟୀକାୟତ, ବିଜେଡି ସାଧାରଣ ସଂପାଦକ ବିଜୟ କୁମାର ନାୟକ, ଦୁର୍ଗାଚରଣ ସାମନ୍ତରାୟ, ମୋହନ ଚରଣ ସାମଲ, ବେଣୁଧର ସାମଲ ଓ ଧର୍ମଶାଳା କଲେଜ୍‌ର ପୂର୍ବତନ ଅଧ୍ୟକ୍ଷ ଡ. ଅଜୟ କୁମାର ଲେଙ୍କା ସ୍ୱର୍ଗତ ସାମଲଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ପୁଅ ସୁକାନ୍ତ ମୁଖାଗ୍ନି ଦେଇଥିଲେ ।

## ଉଦାସ ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଓ ପୁସ୍ତକ ଉନ୍ମୋଚନ



ଚଣ୍ଡିଖୋଲ, (ପି.ଏନ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ସୋଲର ସ୍ଥିତ ଉଦାସ ଆଶ୍ରମରେ ଗୁରୁବାର ଦିନ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞର ଦ୍ୱିତୀୟ ଦିବସରେ ସାଧୁସନ୍ଥ ସମ୍ମିଳନୀ ଓ ଉଦାସ ଯମୁନା ଦାସଙ୍କ ଆତ୍ମ ଜୀବନୀକୁ ନେଇ ଏକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଆଶ୍ରମର ସ୍ୱାମୀଜୀ ଶ୍ରୀ ଶ୍ରୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାରେ ସାଧୁସନ୍ଥ ସମ୍ମିଳନୀ, ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଓ ପୁସ୍ତକ ଉନ୍ମୋଚନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେହ ବ୍ରହ୍ମ ମୁହୂର୍ତ୍ତରୁ ମଙ୍ଗଳ ଆରତୀ, ଗୀତା ପାଠ, ପ୍ରଭୁ ଶୂନ୍ୟବାସୀଙ୍କର ଷୋଡ଼ସ ଉପଚାର ପୂଜା, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୂଜା ଓ ଗୁରୁ ପୂଜନ ସହିତ ଅଖଣ୍ଡ ନାମ ସଂକୀର୍ତ୍ତନ, ସୂର୍ଯ୍ୟ ପୂଜା, ଗୋ-ପୂଜା ହୋଇ ସାରିବା ପରେ ଯଜ୍ଞ କୁଣ୍ଡରେ ଆହୁତି ପ୍ରଦାନ କରାଯାଇଥିଲା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗତ ୧୭ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୧୯ ତାରିଖ ପୂର୍ଣ୍ଣିମା ତିଥିରେ ଯଜ୍ଞର ପୂର୍ଣ୍ଣାହୂତି ସମ୍ପର୍ଣ୍ଣ ହେବ। ମହାଯଜ୍ଞକୁ ପଣ୍ଡିତ ଖଗେଶ୍ୱର ରଥ, ଗ୍ରାଧର ପଣ୍ଡା, ନିଳମଣୀ ପଣ୍ଡା କାର୍ଯ୍ୟ ସଂପାଦନ କରିଥିଲେ। ଯଜ୍ଞ କାର୍ତ୍ତା ଶାରଦା କାନ୍ତ ମିଶ୍ର, ପଣ୍ଡିତ ନିଳମଣୀ ରାଉତ, ଯୋଗ ଶିକ୍ଷୟିତ୍ରୀ ସାଗରିକା ଜେନା, ଗିରିଜାନନ୍ଦ ପର୍ବତ ମହାରାଜ, ସୀତାରାମ ବାବା, ଉଦ୍ଧବ ବାବା, ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସଂପାଦକ ବେଣୁଧଣ ପଣ୍ଡା, ସୁଧାଂଶୁ ଶେଖର ନାୟକ ସନ୍ଥ ସମ୍ମିଳନୀରେ ଯୋଗ ଦେଇଥିଲା ବେଳେ ଆଶ୍ରମ ପକ୍ଷରୁ ମୁଖ୍ୟ ସେବକ ସତ୍ୟ ରଂଜନ ଦାସ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ମହାଯଜ୍ଞରେ ବହୁ ସଂଖ୍ୟାରେ ଉଦାସ ପନ୍ଥୀ, ଭକ୍ତ, ସ୍ଥାନୀୟ ଅଚଂଳର ଭକ୍ତ ଯୋଗଦେଇଥିଲେ। ଏଥି ସହିତ ଗୁରୁ ବନ୍ଦନା ଉପରେ ଆଧାରିତ ଏକ ସଂଗୀତ କ୍ୟାସେଟ୍ ଓ ପେନଡ୍ରାଇଭ୍ ଉନ୍ମୋଚିତ ହୋଇଥିଲା।

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ ରୁଷିନାଥ ବରାଳ



ରଣପୁର (ପି. ଏନ ): ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ କ୍ଷ ଯନ୍ତ୍ରୀ ଜଣଙ୍କ ହେଉଛନ୍ତି ନୟାଗଡ ଜିଲ୍ଲା ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ରୁଷିନାଥ ବରାଳ । ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ରେ ଭିଜିଲାନ୍ସ ରେଡ କରିଥିବା ଜଣାପଡିଛି । ଆଜି ସକାଳୁ ଭିଜିଲାନ୍ସର ୪ଟି ଟିମ ଏକାକାଳୀନ ଖୋର୍ଦ୍ଧା, ନୟାଗଡ,ଢେଙ୍କାନାଳ ରଣପୁର ରେ ରେଡ କରୁଛି । ରଣପୁର ସ୍ଥିତ ଯନ୍ତ୍ରୀଙ୍କ ସରକାରୀ ବାସଭବନ ରେ ରେଡ କରି ତାଙ୍କ ନିକଟରୁ ଗୋଟିଏ ପ୍ଲଟ, ଗୋଟିଏ ୪ ଚ଼କିଆ ଦାମୀ କାର ସହ ୧ଲକ୍ଷ ୩୦ହଜାର ଟଙ୍କା ଜବତ କରିଛି । ଏହି ଚ଼ଢ଼ାଉରେ ୪ ଜଣ ଡିଏସି , ୮ ଇନ୍ସପେକ୍ଟର ସାମିଲ ହୋଇଛନ୍ତି ।

## ବେଦାନ୍ତ ଆଲୁମିନିୟମ ଏଂଟ୍ରପ୍ରାଇଜ ଓଡିଶା-୨୦୨୧ରେ ସହଯୋଗ ପାଇଁ ଷ୍ଟାର୍ଟ-ଅପ ଆମନ୍ତ୍ରଣ କଲା




ଭୁବନେଶ୍ୱର, (ପି.ଏନ): ବେଦାନ୍ତ ଆଲୁମିନିୟମ ବିଜନେସ୍, ଭାରତର ବୃହତମ ଆଲୁମିନିୟମ ଉତ୍ପାଦକ ତଥା ମୂଲ୍ୟଯୁକ୍ତ ଉତ୍ପାଦନକାରୀ, ଏଂଟ୍ରପ୍ରାଇଜ ଓଡିଶା-୨୦୨୧ରେ ଷ୍ଟାର୍ଟ ଅପ ଆମନ୍ତ୍ରଣ କରିବା ସମ୍ପର୍କରେ ଘୋଷଣା କରିଛି । ଏହା କନଫେଡେରେଶନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଏବଂ ଓଡିଶା ସରକାରଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଂଟ୍ରପ୍ରାଇଜ ଓଡିଶାର ୨୩ ତମ ସଂସ୍କରଣରେ ବେଦାନ୍ତ ଆଲୁମିନିୟମ ସମେତ ବିଭିନ୍ନ ଶିଳ୍ପସଂସ୍ଥାରେ ବିଶିଷ୍ଟ ସଂଗଠନଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଦର୍ଶକଙ୍କୁ ସମ୍ବୋଧିତ କରି ରାହୁଲ ଶର୍ମା, ସିଇଓ - ଆଲୁମିନିୟମ ବିଜନେସ୍, ବେଦାନ୍ତ ଲିମିଟେଡ କହିଲେ, ନବନୂତନତ୍ୱ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଓଡ଼ିଶା ଆସନ୍ତା ଦଶନ୍ଧିରେ ଏକ ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଯାଉଛି। ଏଥି ପାଇଁ ମୁଁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ରାଜ୍ୟରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବା ସହିତ ୩୬୦-ଡିଗ୍ରୀ ବିକାଶ ସମ୍ଭବ ହୋଇପାରିଛି। ଆମେ ଓଡିଶାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ବେଦାନ୍ତ ପକ୍ଷରୁ ରାଜ୍ୟରେ ପ୍ରମୁଖ ବିନିଯୋଗ ଯୋଜନା କରାଯାଇଛି। ଏଥିରେ ଅଂଶୀଦାର କରିବାକୁ ଆମେ ଷ୍ଟାର୍ଟ ଅପ ମାନଙ୍କୁ ଆମନ୍ତ୍ରଣ କରୁଛୁ। ବେଦାନ୍ତ ଆଲୁମିନିୟମ ବିଜନେସ୍, ବେଦାନ୍ତ ଲିମିଟେଡର ଏକ ଡିଭିଜନ। ଏହା ଭାରତର ବୃହତ ଆଲୁମିନିୟମ ଉତ୍ପାଦନକାରୀ। ୨୦୨୧ ଆର୍ଥିକ ବର୍ଷରେ ୧.୯୬ ମିଲିୟନ ଟନ ଆଲୁମିନିୟମ୍ ଉତ୍ପାଦନ ହୋଇ ପାରିଛି। ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ଉତ୍ପାଦନ କ୍ଷେତ୍ରରେ ଏହା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ୍ ରହିଛି। କମ୍ପାନୀ ଭବିଷ୍ୟତର ସବୁଜ ମେଟାଲ ଭାବେ ଆଲୁମିନିୟମକୁ ଉପସ୍ଥାପନା କରି ସବୁଜ ପୃଥିବୀ ଗଠନ ସହିତ ଉଦୀୟମାନ ପ୍ରୟୋଗକୁ ତ୍ୱରାନ୍ୱିତ କରିବାର ମିଶନ ପୂରଣ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛି।

## ନିର୍ମାଣର ୩ ବର୍ଷ ପରେ ବିରୂପା ସେତୁ କାର୍ଯ୍ୟକ୍ଷମ ହେବ, ସଂଯୋଗୀ ରାସ୍ତା ପାଇଁ ୨ କୋଟି ୧୫ ଲକ୍ଷ ଓ ରାସ୍ତା ପାଇଁ ୬୩ ଲକ୍ଷ ମଞ୍ଜୁର



ଚଣ୍ଡିଖୋଲ, (ପି.ଏନ୍):୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବାଉଜଙ୍ଗ-ଧାଉଡ଼ିଆପଦା ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ବିରୂପା ନଦୀ ସେତୁ ୩ ବର୍ଷ ପୂର୍ବରୁ ନିର୍ମାଣ ସରିଥିଲେ ମଧ୍ୟ ସେତୁର ଦୁଇ ପଟ ସଂଯୋଗୀ ରାସ୍ତା (ଆପ୍ରୋଚ୍ ରୋଡ଼) ନିର୍ମାଣ ହୋଇ ନଥିବାରୁ ଏହା ଲୋକମାନଙ୍କ କାମରେ ଆସୁନଥିଲା। ଯେଉଁଥିପାଇଁ ଦୀର୍ଘଦିନ ହେବ ସ୍ଥାନୀୟ ଅଚଂଳରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ଏହି ଆପ୍ରୋଚ୍ ରୋଡ୍ ପାଇଁ ଘରୋଇ ଜମି ଅଧିଗ୍ରହଣ ହେବାକୁ ଥିବାରୁ ତାହା ସମସ୍ୟା ସୃଷ୍ଟି କରୁଥିଲା। ଯେଉଁଥି ପାଇଁ ବିଭାଗୀୟ ଅଧିକାରୀମାନେ ନାକେଦମ୍ ହେଉଥିଲେ। ଏହି ସେତୁରେ ଗମନାଗମନ ପାଇଁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ପ୍ରଚେଷ୍ଟାରେ ୩୮ ଜଣ ଜମି ମାଲିକଙ୍କୁ ବୁଝାସୁଝା କରାଯାଇ ରାଜି କରାଯିବା ପରେ ଏବେ ସେମାନଙ୍କ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବାକୁ ନିଷ୍ପତି ହୋଇଛି। ଚାରିନଙ୍ଗଳ ପାର୍ଶ୍ୱରେ ଏହି ପ୍ରସ୍ତାବିତ ଘରୋଇ ଜମି ଅଧିଗ୍ରହଣ ପାଇଁ ସରକାର ଅଧିକ ୨ କୋଟି ୧୫ ଲକ୍ଷ ଟଙ୍କା ମଂଜୁର କରିଥିଲା ବେଳେ ଆପ୍ରୋଚ୍ ରୋଡ୍ ନିର୍ମାଣ ପାଇଁ ୬୩ ଲକ୍ଷ ଟଙ୍କା ମଂଜୁର ହୋଇଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୮ ତାରିଖ ଦିନ ଚଣ୍ଡିଖୋଲ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଧାୟକ ଶ୍ରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦର୍ପଣ ତହସିଲଦାର ପ୍ରଦୀପ୍ କୁମାର ସେଠୀ, ବଡ଼ଚଣା ସବ୍ ରେଜିଷ୍ଟାର ମାନସ ତ୍ରିପାଠୀ, ଗ୍ରାମ୍ୟ ଉନ୍ନୟନ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରା, ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ୍, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି, ସରପଂଚ ଆଶିଷ ରଂଜନ ଚୌଧୁରୀ, ସମରେନ୍ଦ୍ର ମହାପାତ୍ର ଓ ମୋହିନି ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ନିଷ୍ପତି ଅନୁଯାୟୀ ସିଧାସଳଖ ୩୮ ଜଣ ଜମି ମାଲିକଙ୍କୁ ସେମାନଙ୍କ ଜମିର ପ୍ରାପ୍ୟ ପ୍ରଦାନ କରାଯିବା ପରେ ଏହା ସରକାରଙ୍କ ନାମରେ ବଡ଼ଚଣା ସବ୍ ରେଜିଷ୍ଟାରଙ୍କ ନିକଟରେ ରେଜିଷ୍ଟ୍ରି ଭୁକ୍ତ ହେବା ସହ ଆଗାମୀ ନଭେମ୍ବର ୨୨ ତାରିଖରୁ ଆପ୍ରୋଚ୍ ରୋଡ଼ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଏହାର ସାମଧାନ ବାଟ ବାହାରିଥିବାରୁ ଦୀର୍ଘଦିନ ଧରି ନିର୍ମାଣାଧିନ ସେତୁ ଅଚଳ ହୋଇ ପଡ଼ିଥିବା ସମସ୍ୟାର ଅନ୍ତ ଘଟିବ ବୋଲି ଆଲୋଚନା ହୋଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray